**ବିଜେଡି ପ୍ରାର୍ଥୀଙ୍କ ନାମ ଘୋଷଣା**

କାଳିଆପାଣି,(ଡି.ଏନ.ଏ.): ସୁକିନ୍ଦା ନିର୍ବାଚନ ମଣ୍ଡଳୀ ୩୭ନଂ. ଜିଲା ପରିଷଦ ଜୋନରୁ ବିଜେଡି ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟା ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ସୋମବାର ଯାଜପୁର ଜିଲା ବିଜେଡି ଉପସଭାପତି ବିଦ୍ୟାଧର ପାତ୍ର କାଳିଆପାଣିସ୍ଥିତ ଶ୍ରମିକ ସଂଘ ଗୃହରେ ଏକ ଖବରଦାତା ସମ୍ମିଳନୀରେ ୩୭ ନମ୍ବର ଜିଲା ପରିଷଦ ଜୋନରେ ଥିବା ୭ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟାସଭ୍ୟଙ୍କ ନାମ ଘୋଷଣା କରିଛନ୍ତି। କିଛି ଦିନ ହେବ ବିଭିନ୍ନ ପଞ୍ଚାୟତର କର୍ମୀମାନଙ୍କୁ ନେଇ ବିଚାର ବିମର୍ଶ କରିବା ଓ ପ୍ରାର୍ଥୀଙ୍କ ଦାବିକୁ ଆଧାର କରି ଦଳ ପକ୍ଷରୁ ଉପସଭାପତି ପାତ୍ର ନାମ ଘୋଷଣା କରିଛନ୍ତି।

# ସିଏମ୍‌ଓ ଓଡ଼ିଶା ପ୍ରୋଫାଇଲ ଫଟୋ ବଦଳିଲା



ଭୁବନେଶ୍ୱର,୧୭।୧(ବ୍ୟୁରୋ)

ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହାର ପ୍ରୋଫାଇଲ ଫଟୋକୁ ପରିବର୍ତ୍ତନ କରାଯାଇଛି। ଉଭୟ ଫେସବୁକ୍ ଏବଂ ଟୁଇଟରରେ ଥିବା ଫଟୋକୁ ପରିବର୍ତ୍ତନ କରାଯାଇଛି। ପୂର୍ବରୁ ଉଭୟ ସୋସିଆଲ ମିଡିଆ ହ୍ୟାଣ୍ଡେଲରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିଥିଲା। ବର୍ତ୍ତମାନ ନବୀନଙ୍କ ସ୍ଥାନରେ ଓଡ଼ିଶା ସରକାରଙ୍କ ଲୋଗୋ ରଖାଯାଇଛି। ଏଥିସହିତ କଭର ଫଟୋ ଭାବେ ଲୋକସେବା ଭବନକୁ ସ୍ଥାନ ଦିଆଯାଇଛି। ତେବେ ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ଟୁଇଟର ଓ ଫେସ୍‌ବୁକ ହ୍ୟାଣ୍ଡେଲରେ ପୂର୍ବପରି ନବୀନ ପଟ୍ଟନାୟକଙ୍କ ଫଟୋ ରହିଛି।

# ୨୬ରେ ରିଲିଜ୍ ହେବ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ

**ମୁମ୍ବାଇ:** ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ ଫିଲ୍ମକୁ ନେଇ ଚର୍ଚ୍ଚାରେ ରୁହନ୍ତି। ନିକଟରେ ତାଙ୍କର ବହୁ ପ୍ରତୀକ୍ଷିତ ଫିଲ୍ମ 'ପୁଷ୍ପା'କୁ ନେଇ ଦର୍ଶକଙ୍କ ମଧ୍ୟରେ କ୍ରେଜ ରହିଛି। ତେବେ ଅଲ୍ଲୁଙ୍କ ଆଉ ଏକ ସୁପରହିଟ ତେଲୁଗୁ ଫିଲ୍ମ 'ବୈକୁଣ୍ଠପୁରମ'ର ହିନ୍ଦୀ ଭର୍ସନ ଜାନୁୟାରୀ ୨୬ରେ ପ୍ରେକ୍ଷାଳୟରେ ରିଲିଜ୍ ହେବାକୁ ଯାଉଛି। ଏହି ଫିଲ୍ମକୁ ତ୍ରିବିକ୍ରମ ଶ୍ରୀନିବାସ ନିର୍ଦ୍ଦେଶନା ଦେଇଛନ୍ତି। ଫିଲ୍ମ 'ବୈକୁଣ୍ଠପୁରମ'୨୦୨୦ରେ ସୁପରହିଟ ହୋଇଥିଲା। ବର୍ତ୍ତମାନ ନେଟଫ୍ଲିକ୍ସରେ ଷ୍ଟ୍ରିମିଂ ହେଉଥିବା ଏହି ଫିଲ୍ମଟି ସର୍ବାଧିକ ଆୟ କରିଥିବା ଫିଲ୍ମ ମଧ୍ୟରୁ ଅନ୍ୟତମ। ତେବେ ଅଲ୍ଲୁଙ୍କ ନୂଆ ଫିଲ୍ମ ପୁଷ୍ପା ସୁପରହିଟ ହେବା ପରେ ନିର୍ମାତା ଫିଲ୍ମ 'ବୈକୁଣ୍ଠପୁରମ' କୁ ହିନ୍ଦୀ ଭର୍ସନରେ ରିଲିଜ କରିବାକୁ ନିଷ୍ପତ୍ତି ନେଇଛନ୍ତି।



ଅଲ୍ଲୁ ଅର୍ଜୁନ

## ପ୍ରଥମ ପୃଷ୍ଠାରୁ...

### ଦୁର୍ଦ୍ଦିନରେ...

ଯୋଗାଇ ଦେବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ବେଳେ ୨୦୨୧ ମାର୍ଚ୍ଚ ସୁଦ୍ଧା ୩୮,୮୯୧.୩୭ କୋଟି ଟଙ୍କା ଯୋଗାଇ ଦିଆଯାଇଛି। ୨୦୨୧-୨୨ ଆର୍ଥିକ ବର୍ଷରେ ୬୦,୦୦୧.୨୭ କୋଟି ଟଙ୍କା ଋଣ ସହାୟତା ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଥିବା ନିକଟରେ ହୋଇଥିବା ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକରେ ସୂଚନା ଦିଆଯାଇଥିଲା। ଯଦିଓ ଋଣ ପରିମାଣ ପ୍ରତ୍ୟେକ ବର୍ଷ ବୃଦ୍ଧି ପାଉଛି ତେବେ ଯେଉଁ କ୍ଷୁଦ୍ରଶିଳ୍ପ ଆବଶ୍ୟକ କରୁଛନ୍ତି ତାହା ସେମାନଙ୍କୁ ମିଳୁନାହିଁ। ସରକାର ଏ ଦିଗରେ ଦୃଷ୍ଟି ଦେଲେ ବୁଡ଼ିଯାଉଥିବା କ୍ଷୁଦ୍ରଶିଳ୍ପକୁ ବଞ୍ଚାଯାଇପାରନ୍ତା ବୋଲି ଓଏଏସ୍ଏମ୍ଇ ମହାସଚିବ ସ୍ୱାଇଁ କହିଛନ୍ତି।

### ୪୪ ଲକ୍ଷରେ...

ଭାବୀ ସରପଞ୍ଚ ବୋଲି ଘୋଷଣା କରିଦେଇଥିଲେ। ନାମାଙ୍କନପତ୍ର ଦାଖଲ ଶେଷ ତାରିଖ ଆଗରୁ କମିଟିକୁ ଘୋଷିତ ଟଙ୍କା ଦେବାକୁ କୁହାଯାଇଥିଲା। ଏହି ବୈଠକ ଗତ ୧୫ ତାରିଖରେ ବିଲେଇସର୍ଡା ଗାଁରେ ବସିଥିବା କୁହାଯାଉଛି। ସରପଞ୍ଚ ପଦବୀ ୪୪ ଲକ୍ଷ ୧୦ ହଜାର ଟଙ୍କାରେ ନିଲାମ ହୋଇଥିବା ଖବର ପ୍ରଚାରିତ ହେବା ପରେ ସୋମବାର ସରପଞ୍ଚ ଘୋଷିତ ପ୍ରାର୍ଥୀ ଏକ ଗଣମାଧ୍ୟମରେ ମତ ରଖି ୪୪ଲକ୍ଷ ନୁହେଁ, ୪୪ହଜାର ଟଙ୍କା ଦେବାକୁ ପୂଜା କମିଟି ପକ୍ଷରୁ କୁହାଯାଇଥିଲା ଓ ସେ ରାଜି ହୋଇଥିବା କହିଛନ୍ତି। ଏ ସମ୍ପର୍କରେ ଜିଲାପାଳ ଚଞ୍ଚଳ ରାଣାଙ୍କୁ ପଚାରିବାରୁ ଉକ୍ତ ଘଟଣାର ତଦନ୍ତ କରିବା ପାଇଁ ଅତିରିକ୍ତ ଜିଲାପାଳଙ୍କ ତତ୍ତ୍ୱାବଧାନରେ ପୁଇଁତଳା ନିର୍ବାଚନ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

### ୨୧ରେ ବର୍ଷା...

ବେଳେ ଝାରସୁଗୁଡ଼ା ୧୧.୮, ବାରିପଦା ୧୨, ଚାନ୍ଦବାଲି ୧୨.୨ ଏବଂ ବାଲେଶ୍ୱରରେ ସର୍ବନିମ୍ନ ତାପମାତ୍ରା ୧୨.୪ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଛି। ତେବେ ଆସନ୍ତା ୨୦ ତାରିଖରୁ ଶୀତର ପ୍ରକୋପ ହ୍ରାସ ପାଇବ। ୨୧ରୁ ପଶ୍ଚିମ ଓଡ଼ିଶାର ବିଭିନ୍ନ ଜିଲାରେ ଘଡ଼ଘଡ଼ି ସହ କୁଆପଥର ବର୍ଷା ହେବା ସମ୍ଭାବନା ରହିଛି। ୨୩ ତାରିଖରେ ଉପକୂଳ ଓଡ଼ିଶାରେ ବର୍ଷା ହେବ ବୋଲି ପୂର୍ବାନୁମାନ କରାଯାଇଛି।

### ୫ କେଜି ସୁନା...

ହୋଇଛି। ଏ ନେଇ ନଂ. ୯/୨୨ରେ ଏକ ମାମଲା ରୁଜୁ କରାଯାଇ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସନ୍ଦେହରେ ଜଣେ ବ୍ୟାଙ୍କ କର୍ମଚାରୀଙ୍କୁ ଅଟକ ରଖାଯାଇଥିବାବେଳେ ତାଙ୍କୁ ଛାଡ଼ି ଦିଆଯାଇଛି। ସେହିପରି ଜଣେ ପୋଲିସ କର୍ମଚାରୀଙ୍କ ପୁଅଙ୍କ ଏଥିରେ ସମ୍ପୃକ୍ତି ରହିଥିବା ଚର୍ଚ୍ଚା ହେଉଥିବାବେଳେ ଏ ନେଇ ପୋଲିସ କୌଣସି ସ୍ପଷ୍ଟ ତଥ୍ୟ ଦେଇନାହିଁ। ଅତିରିକ୍ତ ଏସ୍‌ପି ଶିଶୁରଞ୍ଜନ ମହାପାତ୍ର, ଏସ୍‌ଡିପିଓ ମଳୟ ନାୟକ, ଆଇଆଇସି ବିଜୟ ହାଇବ୍ରୁ, ଏସ୍ଆଇ ଟି.ଏ. ଖାନ୍, ଏଏସ୍ଆଇ ରମେଶ ସ୍ୱାଇଁ, କାଳିନ୍ଦୀ ରାଉତ, ଦିଲୀପ ସାହୁ ପ୍ରମୁଖଙ୍କ ଉଦ୍ୟମରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଏସ୍‌ପି କହିଛନ୍ତି।

#### ଜେଲ୍‌ଫେରନ୍ତା ମାଷ୍ଟରମାଇଣ୍ଡ

ବ୍ୟାଙ୍କ ଡକାୟତି ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ରାସୋଳ ନୂଆପାଟଣା ଅଞ୍ଚଳର ବିକାଶ ନାୟକ ଜଣେ ଜେଲ ଫେରନ୍ତା। ଛୋଟବଡ଼ ଆପରାଧିକ କାର୍ଯ୍ୟରେ ସମ୍ପୃକ୍ତ ଥିବା ବିକାଶ ରାସୋଳ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ବଡ଼ଧରଣର ଡକାୟତି କରିବା ଲାଗି ଯୋଜନା କରିଥିଲେ। ଏଥିରେ ଅନୁଗୋଳର କାଳିଆ, ଚିନୁ ଏବଂ ଗୁଡ୍ଡୁଙ୍କ ସହଯୋଗ ଲୋଡ଼ିଥିଲେ। ଘଟଣା ଦିନ ଅର୍ଥାତ୍ ଗତ ୧୨ ତାରିଖ ସକାଳେ ଏକ ସ୍କୁଟି (ନଂ. ଓଡ଼ି ୩୫ ବି ୮୪୦୬)ରେ ଗୁଡ୍ଡୁ, ଚିନୁ, କାଳିଆ ଅନୁଗୋଳରୁ ଆସି ରାସୋଳରେ ପହଞ୍ଚିଥିଲେ। ଅନ୍ୟ ଏକ ବାଇକ୍ (ନଂ. ଓଡ଼ି ୧୯ ଟି ୧୧୪୪)ରେ ବିକାଶ, ସମୀର, ଠେଙ୍ଗୁ ପହଞ୍ଚି ଥିଲେ। ବ୍ୟାଙ୍କ ନିକଟରେ ଗହଳି ଏଡ଼ାଇବାକୁ ପୂର୍ବ ଯୋଜନା ଅନୁଯାୟୀ ଅଜିତ୍ ସେହିଦିନ ଚା' ଦୋକାନ ଖୋଲି ନ ଥିଲେ। ଝିପିଝିପି ବର୍ଷା ହେଉଥିବାରୁ ଅପରାହ୍ନରେ ବ୍ୟାଙ୍କରେ କେହି ଗ୍ରାହକ ନ ଥିଲେ। ଏହାର ସୁଯୋଗରେ ସମୀର, ଠେଙ୍ଗୁ, ଚିନୁ ଏବଂ କାଳିଆ ବ୍ୟାଙ୍କ ଭିତରେ ପଶିଥିଲେ। ମ୍ୟାନେଜର ମୋନିକା ଓରାମ୍, କ୍ୟାଶିୟର ରୋଶନ କୁମାରଙ୍କ ସମେତ ଅନ୍ୟ ୨କର୍ମଚାରୀଙ୍କୁ ମାଡ଼ ମାରିଥିଲେ। ମ୍ୟାନେଜର ଏବଂ ଅନ୍ୟ ଜଣେ ମହିଳା କର୍ମଚାରୀଙ୍କ ୨ ଭ୍ୟାନିଟିରେ ଲୁଟ୍ ଟଙ୍କା, ସୁନା ଭର୍ତ୍ତି କରି ଚମ୍ପଟ ମାରିଥିଲେ।

#### କଟକରେ ଅଳଙ୍କାର ବିକ୍ରି ଯୋଜନା

ବ୍ୟାଙ୍କରୁ ଲୁଟ୍ ସୁନା କଟକରେ ବିକ୍ରି କରିବାକୁ ଯୋଜନା କରିଥିଲେ ଡକାୟତି ଗ୍ୟାଙ୍ଗ୍। ଏଥିଲାଗି ସେମାନେ ପ୍ରସ୍ତୁତ କରିଥିଲେ ସୁଚିନ୍ତିତ ବ୍ଲୁପ୍ରିଣ୍ଟ। ତଦନୁଯାୟୀ ବିକାଶ, କାଳିଆ, ଗୁଡ୍ଡୁ ବାଇକ୍ (ନଂ. ଓଡ଼ି ୧୯ ଟି ୧୧୪୪)ରେ ରାସୋଳ ବଜାରରୁ ହିନ୍ଦୋଳ ରୋଡ୍ ୫୩ନଂ. ଏନ୍ଏଚ୍‌ରେ ପହଞ୍ଚିଥିଲେ। ସମୀରଙ୍କ ନିର୍ଦ୍ଦେଶରେ ସିପୁନ୍ ଏବଂ ଗୌରୀଶଙ୍କର ଢେଙ୍କାନାଳରୁ ଏକ ଭଡ଼ା ଟ୍ୟାକ୍ସି ଯୋଗାଡ଼ କରି ବାଇପାସ୍‌ରେ ଅପେକ୍ଷା କରିଥିଲେ। କାଳିଆ, ବିକାଶ, ଗୁଡ୍ଡୁ, ସିପୁନ୍ ଗାଡ଼ିରେ ବସିଥିଲେ ଏବଂ ଗୌରୀଶଙ୍କର ବାଇକ୍‌ରେ ପାଇଲଟିଂ କରିଥିଲେ। ତେବେ ଅଭିଯୁକ୍ତଙ୍କ ହାବଭାବ, କଥାବାର୍ତ୍ତାରୁ ଡ୍ରାଇଭରଙ୍କ ସନ୍ଦେହ ଉପୁଜିଥିଲା। ଫଳରେ ସେ ବାହାନା କରି ଗୋବିନ୍ଦପୁରଠାରେ ଗାଡ଼ି ଅଟକାଇଥିଲେ। ଏକ ପାନଦୋକାନରେ ଅଭିଯୁକ୍ତଙ୍କ ସମ୍ପର୍କରେ ଖୋଳତାଡ଼ କରିବା ବେଳେ ସେଠାରେ ଉପସ୍ଥିତ ଗୋବିନ୍ଦପୁର ଫାଣ୍ଡି ଅଧିକାରୀ ବବିତା ଦେହୁରୀ ଏବଂ ଅନ୍ୟ ଜଣେ ଏସ୍ଆଇ ଟ୍ୟାକ୍ସି ପାଖରେ ପହଞ୍ଚି ସିପୁନ୍‌ଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତେବେ ଅନ୍ୟମାନେ ଚମ୍ପଟ ମାରିଥିଲେ। ପଚରାଉଚୁରା ପରେ ପ୍ରଥମେ ଗୌରୀଶଙ୍କର ଏବଂ ତାଙ୍କ ତଥ୍ୟ ଆଧାରରେ ଅନ୍ୟମାନଙ୍କୁ ଗିରଫ କରାଯାଇଥିଲା।

# କାର୍ଯ୍ୟକାରୀ ହେଉନି ଜିଲା ପରିଷଦ ନିଷ୍ପତ୍ତି

**ଯାଜପୁର**
- ଏଥର ଅଧ୍ୟକ୍ଷା ପଦବୀରେ ନୂଆ ମୁହଁ
- ପ୍ରଥମ ଦିନରେ ୫ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ

ଯାଜପୁର ଅଫିସ,୧୭।୧

ଗତ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଜିଲା ପରିଷଦ ସହ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା (ଡିଆରଡିଏ) ମିଶ୍ରଣ ହୋଇଯାଇଥିବାରୁ ପରିଷଦର କ୍ଷମତା ବୃଦ୍ଧିପାଇବ ବୋଲି ଆଶା କରାଯାଇଥିଲା। ତଦନୁସାରେ ଭୋଟର ଜିଲାପରିଷଦ ପ୍ରାର୍ଥୀଙ୍କୁ ଭୋଟ ଦେଇ ବିଜୟୀ କରାଇଥିଲେ। କିନ୍ତୁ ଗତ ୫ ବର୍ଷରେ ଜିଲା ପରିଷଦ ଦ୍ୱାରା ସେଭଳି ଆଖିଦୃଶିଆ ଉନ୍ନୟନ ତଥା ବିଭିନ୍ନ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଅନେକ ପ୍ରକଳ୍ପ କାର୍ଯ୍ୟକାରୀ ହୋଇପାରିଲା ନାହିଁ। କେବଳ ଠିକାଦାରି ରାଜନୀତି ଯୋଗୁ ପରିଷଦର କ୍ଷମତା ଜିଲାରେ ସଙ୍କୁଚିତ ହୋଇଥିବା ମନେ ହୋଇଛି। ଏହିକ୍ରମରେ ଏଥର ଜିଲା ପରିଷଦ ସଭ୍ୟ ପାଇଁ ନିର୍ବାଚନ ବେଳେ ଭୋଟର ଅଧିକ ସଚେତନ ହୋଇ ଯୋଗ୍ୟ ପ୍ରାର୍ଥୀଙ୍କୁ ବାଛିବେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଯାଜପୁର ଜିଲାରେ ସୋମବାରଠାରୁ ନାମାଙ୍କନ ପତ୍ର ଦାଖଲ ଆରମ୍ଭ ହୋଇଛି। ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ପ୍ରାର୍ଥୀ ତାଲିକା ଏଯାଏ ଚୂଡାନ୍ତ ହୋଇପାରି ନାହିଁ। ପ୍ରଥମ ଦିନରେ କେବଳ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ୪ଜଣ ଓ ଜଣେ ସ୍ୱାଧୀନ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏଥର ଜିଲା ପରିଷଦ ଅଧ୍ୟକ୍ଷ ପଦବୀ ଅନୁସୂଚିତ ଜାତି(ଏସ୍‌ସି)ମହିଳାଙ୍କ ପାଇଁ ସଂରକ୍ଷଣ ରହିଛି। ତେଣୁ ଏସ୍‌ସି ମହିଳାଙ୍କ ପାଇଁ ସଂରକ୍ଷିତ କୋରେଇ ବ୍ଲକର ୧ ଓ ୩, ଦଶରଥପୁର ବ୍ଲକର ୫ ଓ ୬ ଏବଂ ବଡ଼ଚଣା ବ୍ଲକର ୨୦ ନମ୍ବର ଜୋନରୁ ବିଜୟୀ ପ୍ରାର୍ଥିନୀ ଅଧ୍ୟକ୍ଷା ହେବା ନିଶ୍ଚିତ। ଏଥର ଅଧ୍ୟକ୍ଷା ପଦବୀରେ ନୂଆ ମୁହଁ ଦେଖିବାକୁ ମିଳିବ।

୨୦୧୨ ପର୍ଯ୍ୟନ୍ତ ନିର୍ବାଚନର ପରିସ୍ଥିତି ଭିନ୍ନ ରହିଥିଲା। ଜିଲା ପରିଷଦର କ୍ଷମତା କେତେକ ଉନ୍ନୟନ କାର୍ଯ୍ୟରେ ସୀମିତ ରହିଥିଲା। କିନ୍ତୁ ୨୦୧୭ରୁ ସରକାରଙ୍କ ୨୯ଟି ବିଭାଗକୁ ଜିଲା ପରିଷଦ ଅଧ୍ୟକ୍ଷ କାର୍ଯ୍ୟକାରୀ କରିବେ ବୋଲି ରାଜ୍ୟ ସରକାର ଘୋଷଣା କରିଥିଲେ। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ବରିଷ୍ଠ ବିଜେଡି ନେତା ତଥା ତତ୍କାଳୀନ ଜିଲା ବିଜେଡି ସଭାପତି ନରେଶ ମହାନ୍ତି ଜିଲା ପରିଷଦ ସଭାପତି ଭାବେ ନିର୍ବାଚିତ ହୋଇଥିଲେ। ଏହି ସମୟରେ ଜିଲାର ଉନ୍ନୟନ କାର୍ଯ୍ୟ ଉପରେ ବହୁ ଜିଲା ପରିଷଦ ସଭ୍ୟ ଅସନ୍ତୁଷ୍ଟ ପ୍ରକାଶ କରିଥିଲେ। ତେବେ ୨୦୧୮ ଜୁଲାଇରେ ୪ର୍ଥ ଜିଲା ପରିଷଦ ବୈଠକରେ ହୋଇଥିବା ଅତି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଏଠାରେ ଉଦାହରଣ ଭାବେ ନିଆଯାଇପାରେ। ଯାଜପୁର ଜିଲାରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ଏହି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିପାଇଁ ବଡଚଣା ବ୍ଲକର ମହିପଡ଼ାରେ ସ୍ଥାନ ମଧ୍ୟ ଚିହ୍ନଟ ସରିଥିଲା। ଏପରିକି ପୁଷ୍ପଗିରି ଓଡ଼ିଆ ବିଶ୍ୱବିଦ୍ୟାଳୟ ନାମରେ ନାମକରଣ ମଧ୍ୟ ହୋଇଥିଲା। କିନ୍ତୁ ଜିଲା ପରିଷଦର ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇ ପାରିଲା ନାହିଁ। ଶେଷରେ ପୁରୀ ଜିଲାକୁ ଓଡ଼ିଆ ବିଶ୍ୱବିଦ୍ୟାଳୟ ସ୍ଥାନାନ୍ତରଣ ହୋଇଥିଲା। ଏହାସହ ଯାଜପୁର ଜଳସେଚନ ବିଭାଜନ ମାଧ୍ୟମରେ ୩୪ଟି ମୁଖ୍ୟ ନାଳ ଓ ତାହାର ଶାଖା ନାଳକୁ ଅନ୍ତର୍ଭୁକ୍ତ, ୪୭ କି.ମି. ଲମ୍ବ ଗେଙ୍ଗୁଟି ନାଳ ଏବଂ ୨୫.୨ କି.ମି. ଲମ୍ବ କାଣୀ ନାଳର ପୁନରୁଦ୍ଧାର, ନାଳଗୁଡ଼ିକରେ ଚେକ୍ ଡ୍ୟାମ ନିର୍ମାଣ କରାଯାଇ ଚାଷ କାର୍ଯ୍ୟରେ ବ୍ୟବହାର ସହ ଉଦ୍ୟାନ କୃଷି, ସାଧାରଣ ବଣ୍ଟନ, ଗ୍ରାମ ବିଦ୍ୟୁତୀକରଣ ଇତ୍ୟାଦି ସମ୍ପର୍କରେ ଆଲୋଚନା କରାଯାଇ ହିତାଧିକାରୀଙ୍କୁ ଯୋଜନା ମାଧ୍ୟମରେ ଉପଯୁକ୍ତ ସେବା ଯୋଗାଇବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ଏଯାଏ କୌଣସି ନିଷ୍ପତ୍ତି ଉପଯୁକ୍ତ ଭାବେ କାର୍ଯ୍ୟକାରୀ ହୋଇପାରିନାହିଁ। ଯେକୌଣସି ଅଞ୍ଚଳର ବିକାଶ ସେହି ଅଞ୍ଚଳର ନେତୃତ୍ୱ ଉପରେ ନିର୍ଭର କରିଥାଏ। ଏଥିରେ ଜିଲା ପରିଷଦର ଭୂମିକା ବହୁ ଗୁରୁତ୍ୱପୂର୍ଣ୍ଣ। ଏଣୁ ସେମାନଙ୍କ କାର୍ଯ୍ୟାବଳୀରେ ପରିବର୍ତ୍ତନ ନ ହେଲେ ଚଳିତ ପଞ୍ଚାୟତ ନିର୍ବାଚନରେ ଯେ ଭୋଟର ସେମାନଙ୍କ ସମର୍ଥିତ ଦଳରୁ ଦୂରେଇ ଯିବେ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ମାଙ୍କଡ଼ା ପଥର ଖାଦାନରେ ଚଢ଼ାଉ

**ଜେସିବି ମେଶିନ ଜବତ**

ଚଣ୍ଡିଖୋଲ/ଛତିଆ,୧୭।୧ (ଡି.ଏନ.ଏ.)

ବୈରୀ ଥାନା ଖଟିଆ ଗ୍ରାମରେ ଥିବା ଏକ ବେଆଇନ ମାଙ୍କଡ଼ା ପଥର ଖାଦାନରେ ଦର୍ପଣ ତହସିଲ ଓ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାର୍ଡ ପକ୍ଷରୁ ରବିବାର ରାତିରେ ମିଳିତ ଭାବେ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ଗୋଟିଏ ଜେସିବ ମେଶିନ ଓ ପାଣି ଉଠା ମୋଟର ଜବତ କରାଯାଇଛି। ଏହି ଅଞ୍ଚଳରେ କେତେକ ସ୍ଥାନରେ ବେଆଇନ ଭାବେ ମାଙ୍କଡା ଖାଦାନ ଚାଲୁଥିବା କୌଣସି ସୂତ୍ରରୁ ଖବର ପାଇ ଅତିରିକ୍ତ ତହସିଲଦାର ନିରଞ୍ଜନ ଗୁରୁଙ୍କ ନେତୃତ୍ୱରେ ଏହି ଚଢ଼ାଉ କରାଯାଇଥିଲା। ଚଢାଉ ସମୟରେ ଖନନକାରୀମାନେ ଖସିଯିବାକୁ ସକ୍ଷମ ହୋଇଥିଲେ। ଅନ୍ୟପକ୍ଷେ ସେଠାରେ ଫେରିବା ସମୟରେ ୧୬ ନଂ. ଜାତୀୟ ରାଜପଥରେ ବେଆଇନ ବାଲି ବୋଝେଇ ଗୋଟିଏ ଟ୍ରକ ଓ ଟ୍ରାକ୍ଟର ଜବତ କରାଯାଇଥିଲା। ସ୍ଥାନୀୟ ବୈରୀ ଥାନାକୁ ଏ ସମ୍ପର୍କରେ କୌଣସି ଆଗୁଆ ସୂଚନା ଦିଆଯାଇ ନ ଥିଲା।



## ଚା' ବ୍ୟବସାୟୀଙ୍କ ସାଧୁତା

**ରାସ୍ତାରୁ ପାଇଥିବା ଟଙ୍କା ଫେରାଇଲେ**

ଧର୍ମଶାଳା,୧୭।୧(ଡି.ଏନ୍.ଏ.)

ଗତ ୧୪ ତାରିଖର ଘଟଣା। ଯାଜପୁର ଜିଲା ଧର୍ମଶାଳା ଥାନା ଅଧୀନ ୧୬ନଂ. ଜାତୀୟ ରାଜପଥର ଜାରକା ଛକ ନିକଟରେ ଏକ ଟଙ୍କା ଭର୍ତ୍ତି ମନିପର୍ସ ରାସ୍ତାରେ ପଡିଥିଲା। ଏହାକୁ ସ୍ଥାନୀୟ ଚୋରମୁହାଁ ଗ୍ରାମର ଚା' ବ୍ୟବସାୟୀ କୃଷ୍ଣଚନ୍ଦ୍ର ଦଳେଇ ପାଇଥିଲେ। ପର୍ସଟି ଟଙ୍କାରେ ଭର୍ତ୍ତି ହୋଇଥିଲେ ମଧ୍ୟ ତାଙ୍କ ମନରେ ଲୋଭ ଆସି ନ ଥିଲା। ସେହି ପର୍ସରେ ଏକ ଭୋଟର କାର୍ଡ ଥିଲା। ସେଥିରୁ ପର୍ସ ହଜାଇ ଥିବା ବ୍ୟକ୍ତିଙ୍କ ପରିଚୟ ମିଳିଥିଲା। ସମ୍ପୃକ୍ତ ବ୍ୟକ୍ତି ଜଣକ ଥିଲେ ମୟୂରଭଞ୍ଜ ଜିଲା ବାଙ୍ଗିରୀପଶି ଅଞ୍ଚଳର ବୀରେନ ପିଙ୍ଗୁଆ । ସେହି ପରିଚୟ ପତ୍ରକୁ କୃଷ୍ଣଚନ୍ଦ୍ର ପୁଅକୁ କହି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଏଥିସହ କୃଷ୍ଣଚନ୍ଦ୍ର ସ୍ଥାନୀୟ ବଜାର କମିଟି ଓ ଜାରକା ଫାଣ୍ଡି ଅଧିକାରୀଙ୍କୁ ଜଣାଇଥିଲେ। ଟଙ୍କା ହଜାଇଥିବା ବ୍ୟକ୍ତିଙ୍କ ଠିକଣା ଯୋଗାଡ଼ କରି ତାଙ୍କୁ ଖବର ଦିଆଯାଇଥିଲା। ସୋମବାର ବୀରେନ ଜାରକା ଫାଣ୍ଡିରେ ପହଞ୍ଚି ଉପଯୁକ୍ତ ପ୍ରମାଣ ଦେଇ ହଜାଇ ଥିବା ଟଙ୍କା ଫେରିପାଇଥିଲେ। ଏନେଇ ସେ ଖୁସି ଜାହିର କରିବା ସହ କୃଷ୍ଣଚନ୍ଦ୍ରଙ୍କୁ କୃତଜ୍ଞତା ଜଣାଇଛନ୍ତି । ଟଙ୍କା ଫେରସ୍ତ ସମୟରେ ଜାରକା ଫାଣ୍ଡି ଅଧିକାରୀ ରାଜ କିଶୋର ନାୟକ, ଜାରକା ବଜାର ବ୍ୟବସାୟୀ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।




ପୋଲିସ ଉପସ୍ଥିତିରେ ବୀରେନଙ୍କୁ ଟଙ୍କା ଫେରାଉଛନ୍ତି କୃଷ୍ଣଚନ୍ଦ୍ର।

## ଜଙ୍ଗଲରୁ ତମ୍ବା ତାର, ପ୍ଲେଟ୍ ଜବତ: ୨ ଗିରଫ

କଳିଙ୍ଗନଗର,୧୭।୧(ଡି.ଏନ୍.ଏ.): କଳିଙ୍ଗ ନଗର ଥାନା ଅନ୍ତର୍ଗତ ବଙ୍ଗଳା ଛକ ନିକଟରେ ଏକ ଜଙ୍ଗଲରୁ ପୋଲିସ ପ୍ରାୟ ୨ କୁଇଣ୍ଟାଲ ତମ୍ବା ତାର ଏବଂ ପ୍ଲେଟ ଜବତ କରିଛି । ଏହି ଘଟଣାରେ ୨ ଯୁବକଙ୍କୁ ଗିରଫ କରାଯାଇଛି। ସେମାନେ ବ୍ୟବହାର କରୁଥିବା ୨ ବାଇକ୍‌କୁ ପୋଲିସ ଜବତ କରିଛି । ଗିରଫ ଯୁବକଦ୍ୱୟ ହେଲେ ଯାଜପୁର ରୋଡ ଥାନା ମାରୁଟିକାର ଗ୍ରାମର ଅର୍ଜୁନ ଦଳାଇ(୩୨) ଏବଂ କୁମ୍ଭିରଗାଡ଼ିଆ ଗ୍ରାମର ପ୍ରକାଶ ପ୍ରଧାନ (୩୫)। ଉଭୟ ଯୁବକ ଏକ କାରଖାନାରୁ ଏହି ତମ୍ବା ତାର ଓ ପ୍ଲେଟ ଚୋରିକରି ମିଶ୍ରିଲାଲ କାରଖାନା ପଛ ପାଖରେ ଥିବା ଜଙ୍ଗଲରେ ବିକ୍ରି ଉଦ୍ଦେଶ୍ୟରେ ଲୁଚାଇ ରଖିଥିଲେ । ପୋଲିସ ଏ ସଂକ୍ରାନ୍ତରେ ସୂଚନା ପାଇବା ପରେ ସେଠାରେ ଅତର୍କିତ ଚଢ଼ାଉ କରିଥିଲା। ଜବତ ସାମଗ୍ରୀ ଓ ଦୁଇଟି ବାଇକ୍(ନଂ. ଓଡ଼ି ୦୪ ଡି ୮୭୬୫, ଓଡି ୩୪ଏଚ୍୯୭୬୮)କୁ ପୋଲିସ ଥାନାକୁ ଆଣିଛି । ସୋମବାର ପୋଲିସ ଏକ ମାମଲା(ନଂ.୧୮/୨୨)ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଜବତ ତମ୍ବାର ମୂଲ୍ୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି ।

# ପ୍ରଥମ ଦିନରେ ୫୨୬ ନାମାଙ୍କନ

ଯାଜପୁର ଅଫିସ,୧୭।୧

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନର ପ୍ରଥମ ଦିନରେ ୫୨୬ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ୪୨୪ଜଣ ୱାର୍ଡମେମ୍ବର, ୭୧ଜଣ ସରପଞ୍ଚ, ୨୬ଜଣ ସମିତି ସଭ୍ୟ ଓ ୫ ଜଣ ଜିଲା ପରିଷଦ ସଭ୍ୟ ପଦ ପାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଜିଲା ନିର୍ବାଚନ ଅଧିକାରୀଙ୍କ ରିପୋର୍ଟ ଅନୁଯାୟୀ, ଏସ୍‌ୟୁସିଆଇ (କମ୍ୟୁନିଷ୍ଟ)ର ସଂଯୁକ୍ତା କର ଜୋନ ୨୬, ମାଧବୀଲତା ମଲ୍ଲିକ ଜୋନ ୨୭, ସସ୍ମିତା ଜେନା ଜୋନ ୨୫, ଦମୟନ୍ତୀ ମୁଦୁଲି ଜୋନ ୧୪ ଏବଂ ସ୍ୱାଧୀନ ଭାବେ ମନସ୍ୱିନୀ ଦାସ ଜୋନ ୫ ଜିଲା ପରିଷଦ ସଭ୍ୟ ପାଇଁ ନାମାଙ୍କନ ଭରିଛନ୍ତି।

**ବରୀ,(ଡି.ଏନ.ଏ.):** ସୋମବାର ନାମାଙ୍କନ ଦାଖଲର ପ୍ରଥମ ଦିନରେ ମୋଟ୍ ୬୭ ପ୍ରାର୍ଥୀ ସେମାନଙ୍କ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି । ବରୀ ବ୍ଲକ କାର୍ଯ୍ୟାଳୟରେ ୨୯ ପଞ୍ଚାୟତରୁ ୧୪ ଜଣ ସରପଞ୍ଚ ,୪ ଜଣ ସମିତି ସଭ୍ୟା/ସଭ୍ୟ ଓ ୪୯ ଜଣ ୱାର୍ଡ ସଭ୍ୟା/ସଭ୍ୟ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବହୁଆଗ ଧାଡ଼ିର ପଞ୍ଚାୟତସ୍ତରୀୟ ନେତାମାନେ ସେମାନଙ୍କ ନାମାଙ୍କନ ପତ୍ର ଦାଖଲ କରିଥିବାର ସୂଚନା ମିଳିଛି ।

**ଧର୍ମଶାଳା,(ଡି.ଏନ.ଏ.):** ଧର୍ମଶାଳା ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ପ୍ରଥମ ଦିନରେ ୭୧ ଜଣ ପ୍ରାର୍ଥୀ ସେମାନଙ୍କ ନାମାଙ୍କପତ୍ର ଦାଖଲ କରିଛନ୍ତି । ସରପଞ୍ଚ ପଦ ପାଇଁ ଅରାବଳ, ଭବାନୀପୁର, ଏଣ୍ଡଳବା, ଗଙ୍ଗାଧରପୁର, କୋଟପୁର, ରେଖିଦେଇପୁର ପଞ୍ଚାୟତରେ ଜଣେ ଲେଖାଏ ଓ ମଙ୍ଗଳପୁର ପଞ୍ଚାୟତରୁ ୨ଜଣ ମୋଟ ୮ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ସମିତି ସଭ୍ୟ ପାଇଁ ଜାରକା,କବାଟବନ୍ଧ ଓ ମଙ୍ଗଳପୁର ପଞ୍ଚାୟତରୁ ଜଣେ ଲେଖାଏ ମୋଟ ୩ ଜଣ ବ୍ଲକ କାର୍ଯ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ସେହିପରି ବିଭିନ୍ନ ପଞ୍ଚାୟତରେ ୬୦ ଜଣ ୱାର୍ଡ ସଭ୍ୟ ପ୍ରାର୍ଥୀ ସେମାନଙ୍କ ନାମାନଙ୍କ ପତ୍ର ଦାଖଲ କରିଛନ୍ତି ବୋଲି ଧର୍ମଶାଳା ବିଡିଓ ତଥା ନିର୍ବାଚନ ଅଧିକାରୀ ଅରବିନ୍ଦ ବେହେରା ସୂଚନା ଦେଇଛନ୍ତି ।

**ଚଣ୍ଡିଖୋଲ,(ଡି.ଏନ୍.ଏ.):** ସୋମବାର ବଡ଼ଚଣା ବ୍ଲକରେ ପ୍ରଥମ ଦିନ ୧୩୯ ପ୍ରାର୍ଥୀପତ୍ର ଦାଖଲ କରାଯାଇଛି। ସେଥିମଧ୍ୟରୁ ୪୩ ପଞ୍ଚାୟତ ମଧ୍ୟରୁ ସମିତି ସଭ୍ୟ ନିମନ୍ତେ ୪ ଜଣ ନାମାଙ୍କନ ଦାଖଲ କରିଥିବା ବେଳେ ସରପଞ୍ଚ ପ୍ରାର୍ଥୀ ପାଇଁ ୧୬ ଜଣ ନାମାଙ୍କନ ଦାଖଲ କରିଛନ୍ତି । ସେହିପରି ୱାର୍ଡ ସଭ୍ୟ ପାଇଁ ୧୧୯ ଜଣ ନାମାଙ୍କନ ପତ୍ର ଦାଖଲ କରିଥିବା ବ୍ଲକ ପଞ୍ଚାୟତ ଅଧିକାରୀ ସୂଚନା ଦେଇଛନ୍ତି। ଏହି ନାମାଙ୍କନ ପ୍ରକ୍ରିୟା ଆସନ୍ତା ୨୧ ତାରିଖ ଶୁକ୍ରବାର ପର୍ଯ୍ୟନ୍ତ ଚାଲିବ।



ବରୀ ଉଦୟନାଥପୁର ପଞ୍ଚାୟତର ଜଣେ ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରୁଛନ୍ତି।

## ବଣମଲ୍ଲୀ ସାହିତ୍ୟ ସଂସଦର କବିତା ଆସର

ଜେନାପୁର,୧୭।୧(ଡି.ଏନ.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ କଠଉଣିମଠ ପରିସରରେ ବଣମଲ୍ଲୀ ସାହିତ୍ୟ ସେବା ସଙ୍ଗଠନ ପକ୍ଷରୁ ୪ର୍ଥ ବାର୍ଷିକ କବିତା ଆସର ଓ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନ ସଭାପତି ନିର୍ମାଲ୍ୟ କୁମାର ପ୍ରଧାନଙ୍କ ସଭାପତିତ୍ୱରେ ସାହିତ୍ୟିକ କୈଳାସ ଚନ୍ଦ୍ର ନାୟକ, ପ୍ରଦୀପ କୁମାର ସାମଲ, ଶିକ୍ଷାବିତ୍ ପ୍ରକାଶ ଚନ୍ଦ୍ର ବରାଳ ଓ ପଦ୍ମନାଭ ଶତପଥୀ ଯୋଗଦେଇ ଅନୁଷ୍ଠାନର କାର୍ଯ୍ୟଧାରାକୁ ପ୍ରଶଂସା କରିଥିଲେ। ପରେ ଅନୁଷ୍ଠାନର ସଭ୍ୟାସଭ୍ୟ କବିତା ଆସରରେ ଭାଗ ନେଇଥିଲେ। ଏହି ଅବସରରେ ସଙ୍ଗଠନର ଉପଦେଷ୍ଟାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ପ୍ରଦୀପ ଶତପଥୀ, ଲାଲମୋହନ ଶତପଥୀ, ସରୋଜ କୁମାର ବେହେରା, କାହ୍ନୁଚରଣ ଖଟୁଆ, ଶିକ୍ଷୟିତ୍ରୀ ମଧୁସ୍ମିତା ଖଟୁଆ ଯୋଗ ଦେଇଥିଲେ। ସଭାକୁ ରଶ୍ମିତା ବେହେରା ସଂଯୋଜନା କରିଥିଲେ। ଶିକ୍ଷକ ଦିଲୀପ ବଳ ଧନ୍ୟବାଦ ଦେଇଥିଲେ।

## ବିଜେଡି,ଭାଜପା ପ୍ରାର୍ଥୀଙ୍କ ନାମ ଘୋଷଣା

**ଧର୍ମଶାଳା,୧୭।୧(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ୫ ଜିଲା ପରିଷଦ ଜୋନ ପାଇଁ କଂଗ୍ରେସ ପକ୍ଷରୁ ରବିବାର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା । ସୋମବାର ବିଜେଡି ଓ ଭାଜପା ପକ୍ଷରୁ ପ୍ରାର୍ଥୀ ତାଲିକା ଘୋଷଣା କରାଯାଇଛି। ବିଜେଡି ପକ୍ଷରୁ ୧୧ନଂ. ଜୋନ ପାଇଁ ସୁଧାଂଶୁ ଭୂଷଣ ସାହୁ, ୧୨ନଂ. ଜୋନ୍ ପାଇଁ ପ୍ରଣତି ଲେଙ୍କା, ୧୩ ନଂ. ଜୋନ୍ ପାଇଁ ସ୍ମୃତିରେଖା ବେହେରା,୧୪ନଂ. ଜୋନ୍ ପାଇଁ ଜଳଧର ମହାନ୍ତି ଓ ୧୫ନଂ. ଜୋନ୍ ପାଇଁ ଭାଗ୍ୟଧର ସେଠୀଙ୍କ ନାମ ଦଳ ତରଫରୁ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଘୋଷଣା କରିଛନ୍ତି । ସେହିପରି ଭାଜପା ପକ୍ଷରୁ ୧୧ନଂ. ଜୋନ୍ ପାଇଁ ବିଷ୍ଣୁ ସାହୁ, ୧୨ ନଂ.ଜୋନ୍ ପାଇଁ ମାନସ ମହାନ୍ତି, ୧୩ ନଂ. ଜୋନ୍ ପାଇଁ ଚନ୍ଦ୍ରପ୍ରଭା ବାରିକ, ୧୪ନଂ. ଜୋନ୍‌ରେ ଶରତ ଓଝା ଓ ୧୫ନଂ. ଜୋନ୍‌ରେ ପୂର୍ଣ୍ଣ ଚନ୍ଦ୍ର ତରାଇ ଓ ୩୪ନଂ. ଜୋନ୍‌ରେ ରେବତୀ ସ୍ୱାଇଁଙ୍କ ନାମ ଜାରକାସ୍ଥିତ ଭାଜପା କାର୍ଯ୍ୟାଳୟରେ ଦଳୀୟ ନେତ୍ରୀ ସ୍ମୃତିରେଖା ପହି ଘୋଷଣା କରିଛନ୍ତି ।

## ପଟ୍ଟାମୁଣ୍ଡାଇ ବିଜେଡିରେ ମିଶ୍ରଣ ପର୍ବ

ପଟ୍ଟାମୁଣ୍ଡାଇ,୧୭।୧(ଡି.ଏନ.ଏ.): ପଟ୍ଟାମୁଣ୍ଡାଇ ବିଜେଡି କାର୍ଯ୍ୟାଳୟଠାରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି କିଶୋର ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ମିଶ୍ରଣ ପର୍ବରେ ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ଯୁବ ବିଜେଡି ସଭାପତି ରଞ୍ଜନ ବିଶ୍ୱାଳ, ନଗର ଯୁବ ବିଜେଡି ସଭାପତି ମିଟୁ ମନୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ। ବିଲିକଣା ସରପଞ୍ଚ ବିଜୟ ରାଉତଙ୍କ ସହିତ ସମବାୟ ସମିତି ପୂର୍ବତନ ସଭାପତି ବୀର କିଶୋର ମିଶ୍ର, ପୂର୍ବତନ ସମିତିସଭ୍ୟା ସାବିତ୍ରୀ ସାମଲ, ବିଦ୍ୟାଧର ଭଳ, ଗୌରାଙ୍ଗ ରାଉତ, ଶ୍ରୀଧର ପରିଡା, ରାଜେନ୍ଦ୍ର ପ୍ରଧାନ, ଧରଣୀ ପରିଡା, ରବୀନ୍ଦ୍ର ସାହୁ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ। ବ୍ଲକ ବିଜେଡି ସଭାପତି ସାହୁ ଫୁଲତୋଡା ଓ ଦଳୀୟ ଉତ୍ତରୀୟ ଦେଇ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

# ବରୀ, କୋରେଇ ବ୍ଲକରେ ମେଗା ଜଳଯୋଗାଣ ପ୍ରକଳ୍ପ

**୨୯୬.୬୯ କୋଟି ମଞ୍ଜୁର**

ଯାଜପୁର ଅଫିସ,୧୭।୧

ଯାଜପୁର ଜିଲା ବରୀ ବ୍ଲକର ୮୯ ଗ୍ରାମ ଓ କୋରେଇ ବ୍ଲକର ୧୫୮ ଗ୍ରାମ ପାଇଁ ୨ଟି ମେଗା ପାଇପ ଜଳଯୋଗାଣ ପ୍ରକଳ୍ପକୁ ପ୍ରଶାସନିକ ମଞ୍ଜୁରୀ ମିଳିଛି। ଏଥିରେ କୋରେଇ ବ୍ଲକ ପାଇଁ ୧୩୮.୬୯ କୋଟି ଏବଂ ବରୀ ବ୍ଲକ ପାଇଁ ୧୫୭.୪୮ କୋଟି ଭାବେ ମୋଟ ୨୯୬.୬୯ କୋଟି ଟଙ୍କା ବ୍ୟୟ ଅଟକଳ ରଖାଯାଇଛି। ଏନେଇ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଗତ ୧୫ ତାରିଖରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରୀଙ୍କୁ ସୂଚିତ କରାଯାଇଛି। ଏହି ପ୍ରକଳ୍ପଦ୍ୱୟ କାର୍ଯ୍ୟକାରୀ ହେଲେ ବରୀ ଓ କୋରେଇ ବ୍ଲକରେ ଲାଗି ରହିଥିବା ପାନୀୟ ଜଳ ସମସ୍ୟା ଦୂର ହେବ ବୋଲି ଆଶା କରାଯାଉଛି। ଅନ୍ୟପକ୍ଷେ ପୂର୍ବରୁ ନିର୍ମାଣାଧୀନ ୬ଟି ମେଗା ଜଳ ଯୋଗାଣ ପ୍ରକଳ୍ପରୁ ଗୋଟିଏ ବି ଶେଷ ହୋଇ ନଥିବାରୁ ସମ୍ପୃକ୍ତ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। କାର୍ଯ୍ୟରେ ବିଳମ୍ବ ଦେଖାଇ ଠିକାସଂସ୍ଥା ଏସ୍କାଲେଶନ ବିଲ ପାଇବାରେ ମଧ୍ୟ ସଫଳ ହୋଇଛନ୍ତି। ସୂଚନାଯୋଗ୍ୟ ଯେ, ସୁକିନ୍ଦା ବ୍ଲକର ୩୭ଟି ଗ୍ରାମକୁ ୭୯.୫୬ କୋଟି ଟଙ୍କା, ବଡଚଣା ଓ ଧର୍ମଶାଳା ବ୍ଲକ ପାଇଁ ୩୫୧.୪୪ କୋଟି ଟଙ୍କା, ଦଶରଥପୁର ବ୍ଲକର ୩୫ଟି ଗ୍ରାମ ପଞ୍ଚାୟତ ପାଇଁ ୧୯୧.୮୫ କୋଟି ଟଙ୍କା, ସୁକିନ୍ଦା ଖଣି ପ୍ରଭାବିତ ଅଞ୍ଚଳବାସୀଙ୍କ ପାଇଁ ପ୍ରଥମ ପ୍ରକଳ୍ପ ନିମନ୍ତେ ୧୦୬.୯୧ କୋଟି ଟଙ୍କା ଏବଂ ଦ୍ୱିତୀୟ ପ୍ରକଳ୍ପ ଲାଗି ୩୪.୪୬ କୋଟି ଟଙ୍କା ମଞ୍ଜୁର ହୋଇ ନିର୍ମାଣାଧୀନ ରହିଛି। ଏହିସବୁ ମେଗା ଜଳଯୋଗାଣ ପ୍ରକଳ୍ପକୁ ଅଣଓଡ଼ିଆ ଠିକାସଂସ୍ଥା ପକ୍ଷରୁ ନିର୍ମାଣ କରାଯାଉଛି। ସେମାନଙ୍କ ଉପରେ ବିଭାଗୀୟ ଅଧିକାରୀଙ୍କ କୌଣସି କର୍ତ୍ତୃତ୍ୱ ରହୁ ନ ଥିବାରୁ ମନମାନି କାମ ହେଉଛି। ଫଳରେ ବର୍ଷ ବର୍ଷ ଧରି କାମ ପଡ଼ି ରହୁଛି ବୋଲି ଅଭିଯୋଗ ହେଉଛନ୍ତି।

## ସଂକ୍ଷେପରେ

### ଗୋଚର ଜମି ହଡ଼ପ ଅଭିଯୋଗରେ ଆମରଣ ଅନଶନ



**ନାଉଗାଁ,୧୭।୧(ସ୍ୱ.ପ୍ର):** ନାଉଗାଁ ତହସିଲ ଅଧୀନ ଜାମୁଗାଁ ପଞ୍ଚାୟତରେ କେତେଜଣ ଦଲାଲ ଓ ରାଜନେତା ସରକାରୀ ଜମିକୁ ହଡ଼ପ କରିଚାଲିଛନ୍ତି। ଏନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଦର୍ଶାଇ ସାମାଜିକ କର୍ମୀ ଦିଲୀପ ପାଢ଼ୀ ସୋମବାର ତହସିଲ କାର୍ଯ୍ୟାଳୟରେ ଆମରଣ ଅନଶନ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ଜାମୁଗାଁ ମୌଜା କଣ୍ଟୁଣିଆ ହାଟସ୍ଥିତ ଗୋଚର ଜମି ପ୍ଲଟ ନଂ. ୩୨୨୪ ଓ ଖାତା ନଂ.୧୪୬୫ରେ ଜଣେ ବ୍ୟକ୍ତି ବେଆଇନ ଭାବେ ପକ୍କାଗୃହ ନିର୍ମାଣ କରୁଛନ୍ତି। ଉକ୍ତ ଗୃହ ନିର୍ମାଣ ସମୟରେ ତହସିଲ କାର୍ଯ୍ୟାଳୟର କେତେଜଣ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନେଇ ନ ଥିଲେ। ଖବର ପାଇ ଅତିରିକ୍ତ ତହସିଲଦାର ନେତ୍ରାନନ୍ଦ ବେହେରା ପହଞ୍ଚି ବେଆଇନ ଗୃହ ନିର୍ମାଣ ସମ୍ପର୍କରେ ତଦନ୍ତ କରାଯିବା ସହ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

### ପ୍ରଗତି କପ୍ କ୍ରିକେଟ ଟୁର୍ନାମେଣ୍ଟ: ବଟବାବା ଫାଇନାଲରେ

**ରାଜନଗର,୧୭।୧(ଡି.ଏନ୍.ଏ.):** ରାଜନଗର ବ୍ଲକ ବେଲପାଳ କାଳିପଡିଆରେ ଚାଲିଥିବା ପ୍ରଗତି କପ୍ କ୍ରିକେଟ ଟୁର୍ନାମେଣ୍ଟରେ ପ୍ରଥମ ସେମିଫାଇନାଲ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋଚିଲାର ଏମ୍‌ବିସିସି କ୍ରିକେଟ ଟିମ୍‌କୁ ଓଡ୍ରିଆର ବଟବାବା କ୍ରିକେଟ କ୍ଲବ ୭ ଉଇକେଟରେ ପରାସ୍ତ କରି ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ଏମ୍‌ବିସିସି କ୍ରିକେଟ କ୍ଲବ ବ୍ୟାଟିଂ କରି ୧୯ ଓଭରରେ ସମସ୍ତ ଉଇକେଟ ହରାଇ ୧୨୦ ରନ କରିଥିଲା। ଓଡ୍ରିଆର ବଟବାବା କ୍ରିକେଟ କ୍ଲବ ୧୬ ଓଭରରେ ୩ ଉଇକେଟ ହରାଇ ୧୨୧ରନ ସଂଗ୍ରହ କରି ନେଇଥିଲା। ଦଳର ବ୍ୟାଟ୍ସମ୍ୟାନ ରିଙ୍କୁ ୨୩ ବଲରୁ ୪୭ ରନ କରିଥିଲେ। ୪ ଓଭର ବୋଲିଂ କରି ୧୫ ରନ ଦେଇ ୪ ଉଇକେଟ ନେଇଥିବା ଅଭୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ଦିଲୀପ ସାହୁ, ନିଗମାନନ୍ଦ ମହାନ୍ତି, ସରୋଜ ସ୍ୱାଇଁ, ଜ୍ଞାନ ରଞ୍ଜନ ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଆସନ୍ତାକାଲି ବେଲପାଳ ଓ ନିଆଳି ମଧରେ ଦ୍ୱିତୀୟ ସେମିଫାଇନାଲ ହେବ।

### ନାଉଗାଁରେ ୧୯୫୩ ନୂତନ ଭୋଟର

**ନାଉଗାଁ,୧୭।୧(ସ୍ୱ.ପ୍ର):** ନାଉଗାଁ ବ୍ଲକରେ ୧୬ ସରପଞ୍ଚ ଓ ସମିତି ସଭ୍ୟ ପଦବୀ ସମେତ ୨୬୩ ୱାର୍ଡ ସଭ୍ୟ ଓ ୨ ଜିଲା ପରିଷଦ ସଭ୍ୟ ପଦ ପାଇଁ ନିର୍ବାଚନ ହେବ। ଏହି ବ୍ଲକରେ ଭୋଟରଙ୍କ ସଂଖ୍ୟା ୭୦,୭୦୪ ଥିବା ବେଳେ ସେମାନଙ୍କ ମଧରେ ୧୯୫୩ ନୂତନ ଭୋଟର ଥିବା ଜଣାପଡ଼ିଛି। ଗତ ୨୦୧୭ ପଞ୍ଚାୟତରେ ନିର୍ବାଚନରେ ଏହି ବ୍ଲକରେ ଭୋଟର ସଂଖ୍ୟା ୬୮,୭୫୧ ଥିଲା ବୋଲି ଜିପିଇଓ ଦିନେଶ ରାୟ ସୂଚନା ଦେଇଛନ୍ତି।

### ଭଲିବଲ ଟୁର୍ନାମେଣ୍ଟ: ଆଶ୍ରମପାଟଣା ଚାମ୍ପିୟନ

**ବିରିଡ଼ି,୧୭।୧(ଡି.ଏନ.ଏ.):** ବିରିଡ଼ି ବ୍ଲକ ଅନ୍ତର୍ଗତ ଚେକାମାଳସ୍ଥିତ ତ୍ରିନାଥ କ୍ଲବ ଆନୁକୂଲ୍ୟରେ ରବିବାର ଏକ ରାତ୍ରିକାଳୀନ ଭଲିବଲ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆଖପାଖ ଅଞ୍ଚଳର ୮ ଭଲିବଲ୍ ଟିମ୍ ଯୋଗଦେଇଥିଲେ। ଭାଜପା ନେତା ଶ୍ରୀକାନ୍ତ ସାହୁ ଓ ସାମାଜିକ କର୍ମୀ ଅଶୋକ କୁମାର ସିଂ ଏହାକୁ ଉଦ୍‌ଘାଟନ କରିଥିଲେ। ଫାଇନାଲ୍ ମ୍ୟାଚ ଆଶ୍ରମପାଟଣା ଜଗତ୍‌ସିଂହପୁର ଓ କଟକ ସଦରର ବୋଧପୁର ଟିମ୍ ମଧରେ ହୋଇଥିଲା। ଆଶ୍ରମପାଟଣା ୨୫-୧୯ ପଏଣ୍ଟରେ ବିଜୟୀ ହୋଇ ଚାମ୍ପିୟନ ହୋଇଛି । ବୋଧପୁର ଟିମ ରନର୍ସଅପ୍ ହୋଇଥିଲା। ରେଫରି ଭାବେ ବିଭୁପ୍ରସାଦ ମହାରଣା ଖେଳ ପରିଚାଳନା କରିଥିଲେ। କ୍ଲବ ସଭାପତି ସନ୍ଦୀପ ସିଂ, ସମ୍ପାଦକ ଅଂଶୁମାନ ଜେନାଙ୍କ ସହ ମୁଖ୍ୟ ଅତିଥିଭାବେ ଭାଜପା ନେତା ସାହୁ ଓ ସମ୍ମାନିତ ଅତିଥିଭାବେ ବିରିଡି ବ୍ଲକ ବିଜେଡି ସଭାପତି ରବୀନ୍ଦ୍ର ରାଉଳ ଯୋଗଦେଇଥିଲେ। ଆଶ୍ରମପାଟଣା ଟିମ୍ ଅଧିନାୟକ ସମ୍ପଦ ବେହେରା ଓ ବୋଧପୁର ଟିମ୍ ଅଧିନାୟକ ଓଂକାର ମହାନ୍ତିଙ୍କୁ ଚାମ୍ପିୟନ ଟ୍ରଫି ଓ ରନର୍ସ ଅପ୍ କପ୍ ଦିଆଯାଇଥିଲା।

# ଜିଲାରେ ପ୍ରଥମ ଦିନରେ ୮୧୦ ପ୍ରାର୍ଥୀପତ୍ର ଦାଖଲ

## ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ

**କେନ୍ଦ୍ରାପଡ଼ା ଅଫିସ, ୧୭।୧**

ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ସୋମବାରଠାରୁ ମନୋନୟନ ପତ୍ର ଦାଖଲ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଜିଲା ପରିଷଦ ସଭ୍ୟ ପାଇଁ ୪ଟି ପ୍ରାର୍ଥିପତ୍ର ଦାଖଲ ସହ ୯ ବ୍ଲକ ଅଞ୍ଚଳରେ ୮୦୬ଟି ସମିତି ସଭ୍ୟ, ସରପଞ୍ଚ ଓ ୱାର୍ଡ ସଭ୍ୟ ପଦବୀ ପାଇଁ ମନୋନୟନ ପତ୍ର ବିଭିନ୍ନ କାର୍ଯ୍ୟାଳୟରେ ଦାଖଲ ହୋଇଛି। ଜିଲା ଗ୍ରାମ ପଞ୍ଚାୟତ ଅଧିକାରୀ (ଡିପିଓ) ସନ୍ତୋଷ କୁମାର ସାହୁଙ୍କ ସୂଚନା ଅନୁଯାୟୀ, କେନ୍ଦ୍ରାପଡ଼ା ବ୍ଲକ ଅଞ୍ଚଳରେ ୯୧ଟି ୱାର୍ଡ ସଭ୍ୟ, ୪ଟି ସମିତିସଭ୍ୟ ଓ ୫ଟି ସରପଞ୍ଚ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ସେହିପରି ଡେରାବିଶ ବ୍ଲକରେ ୭୮ଟି ୱାର୍ଡ ସଭ୍ୟ, ୨ଟି ସମିତିସଭ୍ୟ ଓ ୩ଟି ସରପଞ୍ଚ, ପଟ୍ଟାମୁଣ୍ଡାଇ ବ୍ଲକରେ ୯୩ଟି ୱାର୍ଡ ସଭ୍ୟ, ୨ଟି ସମିତିସଭ୍ୟ ଓ ୧୬ଟି ସରପଞ୍ଚ, ଗରଦପୁର ବ୍ଲକରେ ୪୯ଟି ୱାର୍ଡ ସଭ୍ୟ, ୧ଟି ସମିତିସଭ୍ୟ ଓ ୯ଟି ସରପଞ୍ଚ, ମାର୍ଶାଘାଇ ବ୍ଲକରେ ୧୪୨ଟି ୱାର୍ଡ ସଭ୍ୟ, ୧୧ଟି ସମିତିସଭ୍ୟ ଓ ୧୨ଟି ସରପଞ୍ଚ ପଦ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ଏଥିସହ ଆଳି ବ୍ଲକ ଅଞ୍ଚଳରେ ୭୦ଟି ୱାର୍ଡସଭ୍ୟ, ୨ଟି ସମିତିସଭ୍ୟ ଓ ୧୯ଟି ସରପଞ୍ଚ, ମହାକାଳପଡ଼ା ବ୍ଲକରେ ୮୨ଟି ୱାର୍ଡ ସଭ୍ୟ, ୩ଟି ସମିତିସଭ୍ୟ ଓ ୭ଟି ସରପଞ୍ଚ, ରାଜନଗର ବ୍ଲକରେ ୨୮ଟି ୱାର୍ଡ ସଭ୍ୟ, ୧୦ଟି ସମିତିସଭ୍ୟ ଓ ୫ଟି ସରପଞ୍ଚ ଓ ରାଜକନିକା ବ୍ଲକରେ ୭୨ଟି ୱାର୍ଡ ସଭ୍ୟ, ୪ଟି ସମିତିସଭ୍ୟ ଓ ୭ଟି ସରପଞ୍ଚ ପଦ ପାଇଁ ଆଶାୟୀ ପ୍ରାର୍ଥୀ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଉପଜିଲାପାଳ ନିରଞ୍ଜନ ବେହେରାଙ୍କ ସୂଚନା ଅନୁଯାୟୀ, ଆଳି ବ୍ଲକର ୪ ନଂ. ଜିଲା ପରିଷଦ ପାଇଁ କଂଗ୍ରେସର ମାନଗୋବିନ୍ଦ ଦାସ, ରାଜନଗରର ୩୧ ନଂ. ପାଇଁ କଂଗ୍ରେସର ସନ୍ତୋଷ ମହାନ୍ତି, ଆଳି ବ୍ଲକର ୨ ନଂ. ଜୋନ୍ ପାଇଁ ବିଜେଡିର ଭୀଷ୍ମ ମହାନ୍ତି ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ସେହିପରି ଆଳିର ୧ ନଂ. ଜୋନ୍ ପାଇଁ କଂଗ୍ରେସ ପ୍ରାର୍ଥୀ ଝରଣା ମଲ୍ଲିକ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। କୋଭିଡ୍ କଟକଣାକୁ ଗୁରୁତ୍ୱ ଦିଆଯାଇଥିବା ଉପଜିଲାପାଳ ବେହେରା ସୂଚନା ଦେଇଛନ୍ତି।

# ଦଳିତମାନଙ୍କ ପକ୍ଷରୁ ଥାନା ଘେରାଉ

## ପୂର୍ବ ମାମଲାକୁ କେନ୍ଦ୍ରକରି ଗୋଷ୍ଠୀ ସଂଘର୍ଷ ଘଟଣା

**ପଟ୍ଟାମୁଣ୍ଡାଇ,୧୭।୧(ସ୍ୱ.ପ୍ର.)**

ପୂର୍ବ ମାମଲାକୁ କେନ୍ଦ୍ରକରି ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଞ୍ଚଳ ଅଧୀନ ଏକ ଗାଁରେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ସଂଘର୍ଷ ଘଟଣାରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଉଭୟ ପକ୍ଷରୁ ୬ ଜଣଙ୍କୁ ଗିରଫ କରି ଜେଲ ପଠାଇ ଦେଇଛି। ଏହି ଘଟଣାକୁ ନେଇ ସୋମବାର ଦଳିତଙ୍କ ପକ୍ଷରୁ ଶତାଧିକ ମହିଳାପୁରୁଷ ଥାନା ଘେରାଉ କରିବା ସହ ରାସ୍ତାରୋକୋ କରିଥିଲେ।

ସୂଚନାଯୋଗ୍ୟ, ଗ୍ରାମରେ ଜଣେ ଟ୍ୟୁଶନ ମାଷ୍ଟର ଜଣେ ଦଳିତ ନାବାଳିକା ଛାତ୍ରୀଙ୍କୁ ୭ ବର୍ଷ ତଳେ ପ୍ରେମ ଜାଲରେ ଫସାଇ ଅପହରଣ କରି ନେଇଥିଲେ। ଏ ନେଇ ଛାତ୍ରୀଙ୍କ ପରିବାର ପକ୍ଷରୁ ପଟ୍ଟାମୁଣ୍ଡାଇ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ଏକ ମାମଲା ରୁଜୁ ହୋଇଥିଲେ ହେଁ ଦଳିତ ନାବାଳିକା ବାପାଙ୍କ ସତ୍ୟପାଠକୁ ଆଧାର କରି ପୋଲିସ ତଦନ୍ତ ବନ୍ଦ କରି ଦେଇଥିଲା। ଗତ ୭ ବର୍ଷ ପରେ ନାବାଳିକା ଝିଅକୁ ଟ୍ୟୁଶନ ମାଷ୍ଟର ମାରିଦେଇଥିବା ତାଙ୍କ ବାପା ଥାନାରେ ପୁନର୍ବାର ୨୦୨୧ ଡିସେମ୍ବରରେ ଅଭିଯୋଗ କରିଥିଲେ। କେନ୍ଦ୍ରାପଡ଼ା ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ପୋଲିସ ଏ ନେଇ ଥାନାରେ ପୁଣି ଏକ ମାମଲା ରୁଜୁ କରିଥିଲା। ଏହା ଜାଣି ଟ୍ୟୁଶନ ମାଷ୍ଟର ଫେରାର ହୋଇ ଯାଇଥିଲେ। ଟ୍ୟୁଶନ ମାଷ୍ଟର ନିଜ ଘରକୁ ଫେରିଥିବା ନାବାଳିକାଙ୍କ ବାପା ଜାଣିବା ପରେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ ବଚସା ହୋଇଥିଲା। ବଚସାରୁ ସେମାନଙ୍କ ମଧ୍ୟରେ ମାରପିଟ୍ ଓ ହଣାକଟା ଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ମାମଲାରେ ପୋଲିସ ଉଭୟ ଗୋଷ୍ଠୀ ମଧ୍ୟରୁ ୬ ଜଣଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଦେଇଛି। ଏହାକୁ ବିରୋଧ କରି ଦଳିତଙ୍କୁ ନ୍ୟାୟ ଦାବିରେ ଶତାଧିକ ମହିଳାପୁରୁଷ ଥାନା ଘେରାଉ କରିବା ସହ ବଜାର ରାସ୍ତାରୋକୋ କରିଥିଲେ। ମଧ୍ୟାହ୍ନ ସାଢ଼େ ୧୨ଟାରେ ଏସ୍‌ଡିପିଓ ସନ୍ଧ୍ୟାରାଣୀ ବେହୁରିଆ ପହଞ୍ଚି ବୁଝାଶୁଝା କରିବା ସହ ୭ ଦିନ ମଧ୍ୟରେ ଘଟଣାର ସତ୍ୟାସତ୍ୟ ଲୋକଲୋଚନକୁ ଆଣିବାର ପ୍ରତିଶ୍ରୁତି ଦେବା ପରେ ଦଳିତମାନେ ଥାନା ଘେରାଉ ଓ ରାସ୍ତାରୋକୋରୁ ଓହରି ଯାଇଥିଲେ।



ମହିଳାପୁରୁଷମାନେ ପଟ୍ଟାମୁଣ୍ଡାଇ ଥାନା ଘେରାଉ ସହ ରାସ୍ତାରୋକୋ କରିଛନ୍ତି।

# ଜିଲା କଂଗ୍ରେସ ମୁଖପାତ୍ରଙ୍କୁ ଏସ୍‌ଆଇଙ୍କ ଦୁର୍ବ୍ୟବହାର

## ଏସ୍‌ପିଙ୍କ ନିକଟରେ ଅଭିଯୋଗ

**ଜଗତ୍‌ସିଂହପୁର ଅଫିସ, ୧୭।୧**

ଜଗତ୍‌ସିଂହପୁର ଜିଲା କଂଗ୍ରେସ କମିଟି ମୁଖପାତ୍ର ସୌମ୍ୟଜିତ ଦାଶଙ୍କୁ ଅଭୟଚାନ୍ଦପୁର ଥାନା ଏସ୍‌ଆଇ ଆଶୁତୋଷ ହୋତା ଦୁର୍ବ୍ୟବହାର କରିଥିବା ନେଇ ସୋମବାର କଂଗ୍ରେସ ପକ୍ଷରୁ ଏସ୍‌ପି ଅଖିଳେଶ୍ୱର ସିଂହଙ୍କ ନିକଟରେ ଅଭିଯୋଗ ହୋଇଛି। ଜିଲା କଂଗ୍ରେସ କମିଟି ସଭାପତି ନଟବର ବାରିକ, ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ବିପ୍ଳବ ଚୌଧୁରୀ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, କୃଷ୍ଣଚନ୍ଦ୍ର ପ୍ରଧାନ, ଜଗତ୍‌ସିଂହପୁର ନଗର କଂଗ୍ରେସ ସଭାପତି ଅଭୟ କୁମାର ମହାନ୍ତି ପ୍ରମୁଖ ଅଭିଯୋଗରେ ଦର୍ଶାଇଛନ୍ତି, ୧୩ ତାରିଖ ରାତିରେ ସୌମ୍ୟଜିତ୍ ତାଙ୍କ ବ୍ୟକ୍ତିଗତ କାର୍ଯ୍ୟ ସାରି ୯ଟାରେ ପାରାଦୀପ ନିକଟ ତ୍ରିଲୋଚନପୁରସ୍ଥିତ ଶ୍ୱଶୁର ଘରକୁ ଯାଉଥିଲେ। ବାଟରେ ଏସ୍‌ଆଇ ହୋତା ତାଙ୍କୁ ଅଟକାଇ ପରିଚୟପତ୍ର ମାଗିଥିଲେ। ସୌମ୍ୟଜିତ୍ ଆଧାର କାର୍ଡ ଦେଖାଇବା ପରେ ମଧ ହୋତା ଶୁଣି ନ ଥିଲେ। ଏପରି କି ଶ୍ୱଶୁର ଘର ପକ୍ଷରୁ କେହି ଆସିଲେ ଛଡ଼ାଯିବ ବୋଲି ସ୍ପଷ୍ଟ କରିଥିଲେ। ଯେହେତୁ ସୌମ୍ୟଜିତ୍‌ଙ୍କ ଶ୍ୱଶୁର ମୃତ ଓ ଶାଶୁ ବୃଦ୍ଧା ତେଣୁ ସେ ଆସିବା ସମ୍ଭବ ନୁହେଁ ବୋଲି କହିବା ପରେ ମଧ ପୋଲିସ ଛାଡି ନ ଥିଲା। ଏନେଇ ଦାଶ ତାଙ୍କର ମାନବିକ ଅଧିକାର କ୍ଷୁଣ୍ଣ ହେଉଥିବା କହିବାରୁ ଏସ୍‌ଆଇ ହୋତା ସେଠାରେ କାର ଚାବି ଓ ମୋବାଇଲ ଛଡାଇ ନେଇ ଅଶାଳୀନ ଭାଷାରେ ଗାଳି କରିଥିଲେ। ଏଥିସହ ପୋଲିସ ଜିପ୍‌ରେ ବସାଇ ଥାନାକୁ ନେଇ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିଲେ। ଥାନା ସିସିଟିଭି ଫୁଟେଜ୍ ଯାଞ୍ଚ କରାଯାଇ ଅଭିଯୁକ୍ତ ଏସ୍‌ଆଇଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଅନ୍ୟତ୍ର ବଦଳି କରିବା ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଅଭିଯୋଗକୁ ହୋତା ଖଣ୍ଡନ କରିବାସହ ଏଭଳି କୌଣସି ଘଟଣା ସମ୍ପର୍କରେ ତାଙ୍କର ମନେପଡୁନାହିଁ ବୋଲି କହିଛନ୍ତି।

### 'ପୋଲିସ କ୍ୟାମ୍ପ ଉଠାଅ, ବେଆଇନ ଗିରଫଦାରି ବନ୍ଦ କର'




**ଜଗତ୍‌ସିଂହପୁର ଅଫିସ, ୧୭।୧**

ଏରସମା ତହସିଲ ଅନ୍ତର୍ଗତ ଢିଙ୍କିଆ ଗ୍ରାମରେ ପୋଲିସର ଅମାନୁଷିକ ଆକ୍ରମଣକୁ ବିରୋଧ କରି ୬ ଦଫା ଦାବିରେ ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଜଗତ୍‌ସିଂହପୁର ଜିଲା ଶାଖା ତରଫରୁ ସୋମବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏହାପରେ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳଙ୍କୁ ଦାବିପତ୍ର ଦିଆଯାଇଥିଲା। ବିକ୍ଷୋଭ ସମୟରେ ପ୍ରଦୀପ୍ତ ରାମ ଓ ସୁବାସ ସ୍ୱାଇଁ ପ୍ରମୁଖ କହିଥିଲେ, ଢିଙ୍କିଆ ଗ୍ରାମରେ ପୋଲିସ କ୍ୟାମ୍ପ କରିବା ସହ ଅନ୍ୟାୟ ଭାବେ ଗିରଫ କରୁଛି। ଏପରି କି ଅସାମାଜିକ ବ୍ୟକ୍ତିମାନେ ସାଧାରଣ ଲୋକଙ୍କୁ ଲାଞ୍ଛିତ କରୁଛନ୍ତି। କୌଣସି ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍‌କୁ ଢିଙ୍କିଆ ଛଡ଼ାଯାଉନାହିଁ। ଚିକିତ୍ସା ଓ ଦୈନନ୍ଦିନ ଜୀବନର ଆବଶ୍ୟକତା ପାଇଁ ଲୋକେ ଗାଁରୁ ବାହାରକୁ ଯିବାକୁ ଚାହୁଁଥିଲେ ଅଟକାଯାଉଛି। ତେଣୁ ଢିଙ୍କିଆ ଗ୍ରାମରୁ ପୋଲିସ କ୍ୟାମ୍ପ ତୁରନ୍ତ ଉଠାଯିବା ସହ ଅନ୍ୟାୟ ଗିରଫଦାରି ବନ୍ଦ କରାଯାଉ। ବିଶେଷକରି ଦେବେନ୍ଦ୍ର ସ୍ୱାଇଁ ଓ ଅନ୍ୟମାନଙ୍କୁ ଯଥାଶୀଘ୍ର ଖଲାସ କରାଯାଉ। ବଳପୂର୍ବକ ପାନବରଜ ଅଧିଗ୍ରହଣ ବନ୍ଦ ରହୁ। ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପ ବାତିଲ ସହ ପାରାଦୀପ ବନ୍ଦର, ଶିଳ୍ପାଞ୍ଚଳ ଲାଭାଂଶର ଅନ୍ୟୂନ ୧୦ ପ୍ରତିଶତ ଜିଲାର ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଓ ରାସ୍ତାଘାଟ ନିର୍ମାଣରେ ବ୍ୟୟ କରାଯାଉ। ଲାଠିଚାର୍ଜ ପାଇଁ ନିର୍ଦ୍ଦେଶ ଦେଇଥିବା ପୋଲିସ ପ୍ରଶାସନର ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

### ବିରିଡ଼ିରେ ୩ ଧାନ ମଣ୍ଡି ଉଦ୍‌ଘାଟିତ

**ବିରିଡ଼ି, ୧୭।୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଅଞ୍ଚଳରେ ସୋମବାର ୩ ଧାନମଣ୍ଡି ଉଦ୍‌ଘାଟିତ ହୋଇଛି। ଅଲାଣ୍ଡୋ ପ୍ରାଥମିକ କୃଷି ସମବାୟ ସମିତିରେ ଧାନକ୍ରୟ କମିଟି ସଭ୍ୟ ପବିତ୍ର ପଶାୟତ ମଣ୍ଡି ଉଦ୍‌ଘାଟନ କରିଥିଲେ। ଏହି ସମିତିରେ ଅଲାଣ୍ଡୋ, ବଡିମିରା ଓ ବଡ଼ଖଣ୍ଡାୟତ ପଞ୍ଚାୟତର ୭୩୯ ଜଣ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକୃତ କରିଛନ୍ତି । କାର୍ଯ୍ୟକ୍ରମରେ ସମ୍ପାଦକ ଶଙ୍କର୍ଷଣ ସାହୁଙ୍କ ସମେତ ପ୍ରଶାସନିକ ଅଧିକାରୀ ବିବେକାନନ୍ଦ ବେହେରା, ଏମ୍‌ଆଇ ମୋତିରାମ ଦାସଙ୍କ ସମେତ ସମସ୍ତ କ୍ରୟ କମିଟିର ସଭ୍ୟ ଉପସ୍ଥିତ ଥିଲେ । ଉତ୍ତରଶାସନ ପ୍ରାଥମିକ କୃଷି ସମବାୟ ସମିତିରେ କମିଟି ସଭ୍ୟ ପୀତାମ୍ବର ମହାପାତ୍ର ମଣ୍ଡି ଉଦ୍‌ଘାଟନ କରିଥିଲେ। ଏଠାରେ ସମ୍ପାଦକ ବିଜୟାନନ୍ଦ ବେହେରାଙ୍କ ସହ କ୍ରୟ କମିଟିର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ। ସେହିପରି ପୁରଣ ପ୍ରାଥମିକ କୃଷି ସମବାୟ ସମିତିରେ ଧାନମଣ୍ଡି ଶୁଭାରମ୍ଭ ହୋଇଛି। ଏଥିରେ ସମବାୟ ସମିତି ସମ୍ପାଦକ ରାଧାବଲ୍ଲଭ ବେହେରା, କ୍ରୟ କମିଟି ସଭ୍ୟ କାଳନ୍ଦୀ ଚରଣ ବଡ଼ିଆ, ରତିକାନ୍ତ ପାଳ, ସୁବ୍ରତ ପଟ୍ଟନାୟକ, କିରଣକାନ୍ତି ପଟ୍ଟନାୟକ, ଗୁଣନିଧି ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମିତିରେ ପୁରଣ, ବାଗଲପୁର, ବାରଡିଆ ପଞ୍ଚାୟତର ୬୦୦ ଚାଷୀ ଧାନ ବିକ୍ରି ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ସମସ୍ତ ସମିତିରେ ଏକ ହଜାର କୁଇଣ୍ଟାଲ ଧାନ କ୍ରୟ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

# କୋଭିଡ୍ କଟକଣା ଉଲ୍ଲଂଘନକୁ ନେଇ ପ୍ରଶାସନର ତଦନ୍ତ

## ମହାବିଦ୍ୟାଳୟରେ ଦଳୀୟ ସଭାକୁ ନେଇ ଚର୍ଚ୍ଚା

**କେନ୍ଦ୍ରାପଡ଼ା ଅଫିସ/ ମାର୍ଶାଘାଇ, ୧୭।୧ (ଡି.ଏନ୍.ଏ.)**

କୋଭିଡ୍-୧୯ ସଂକ୍ରମଣକୁ ଦୃଷ୍ଟିରେ ରଖି ନିର୍ବାଚନୀ ସହ ସାମାଜିକ କଟକଣା ଜାରି ହୋଇଛି। ହେଲେ କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଧୀନ ଜୟଚନ୍ଦ୍ରପୁର ତାରିଣୀ ମହାବିଦ୍ୟାଳୟ ପରିସରରେ ରବିବାର ମଧ୍ୟାହ୍ନରେ ହୋଇଥିବା ଏକ ଦଳୀୟ ସଭା ଓ ଭୋଜିଭାତକୁ ନେଇ ରାଜନୀତି ସରଗରମ ହୋଇଉଠିଛି। କୋଭିଡ୍ କଟକଣାକୁ ଉଲ୍ଲଂଘନ କରାଯାଇଥିବା ନେଇ ଭିଡିଓ ସାମାଜିକ ଗଣମାଧମରେ ଭାଇରାଲ ହୋଇଥିଲା। ଏହା ଜଣାପଡ଼ିବା ପରେ ଜିଲାପାଳ ଅମୃତ ଋତୁରାଜ ସୋମବାର ଏହାର ତଦନ୍ତ କରିବାକୁ ମହାକାଳପଡ଼ା ତହସିଲଦାର ଓ ମାର୍ଶାଘାଇ ଆଇଆଇସିଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ପ୍ରକାଶ ଯେ, ମହାବିଦ୍ୟାଳୟ ପରିସରରେ ଅଧକ୍ଷ ବିକାଶ ଦାସ ଓ କଟକ ଜିଲା ସାଲେପୁର ଏସ୍‌ଡିପିଓ ପ୍ରଶାନ୍ତ ମାଝିଙ୍କ ସମେତ କେତେଜଣ ଲୋକ ଏକତ୍ରିତ ହୋଇ ଭୋଜିଭାତର ଆୟୋଜନ କରିଥିଲେ। ଉଭୟଙ୍କ ଘର ମହାକାଳପଡ଼ା ବ୍ଲକର ରୋମିତ ପଞ୍ଚାୟତରେ। ଖବରପାଇ ପଞ୍ଚାୟତର ଏକ ରାଜନୈତିକ ଦଳର କର୍ମୀମାନେ ସେଠାରେ ପହଞ୍ଚିଥିଲେ। ଫଳରେ ଗହଳି ବଢ଼ିବା ସହ କୋଭିଡ୍ କଟକଣାକୁ ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଥିଲା। ସରକାରୀ ଅନୁଷ୍ଠାନରେ ଦଳୀୟ ବୈଠକକୁ ରାଜନେତାମାନେ ତୀବ୍ର ନିନ୍ଦା କରିଥିଲେ। ପରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଅପରାହ୍ନରେ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡା ଓ ମାର୍ଶାଘାଇ ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନ୍‌ଗୋ ମହାବିଦ୍ୟାଳୟରେ ପହଞ୍ଚି ଅଧକ୍ଷ ଓ ଅନ୍ୟ ଷ୍ଟାଫଙ୍କୁ ପଚରାଉଚରା କରିବା ସହ ସିସିଟିଭି ଫୁଟେଜ ଯାଞ୍ଚ କରିଛନ୍ତି। ଏ ସମ୍ପର୍କରେ ମହାବିଦ୍ୟାଳୟ ଅଧକ୍ଷ ଦାସଙ୍କୁ ପଚାରିବାରେ ମୋର ବିବାହ ବାର୍ଷିକ ଉତ୍ସବ ପାଳନ ପାଇଁ ଗାଁର ପ୍ରଶାନ୍ତ ଯିଏ କି ସାଲେପୁର ଏସ୍‌ଡିପିଓ ଅଛନ୍ତି ଓ ସାଲେପୁରର ଆଉ ଜଣେ ବନ୍ଧୁଙ୍କ ପରିବାର ଏକାଠି ହୋଇଥିଲୁ। ଆମେ ୩ ଜଣ ସମସ୍ତେ ଗାଁ ବାହାରେ ରହୁ। କଲେଜରେ ଆମେ ଏକାଠି ହୋଇଥିବାର ଖବର ପାଇ ପଞ୍ଚାୟତରୁ କେତେଜଣ ଲୋକ ପହଞ୍ଚି ଆମକୁ ନିର୍ବାଚନରେ ସାହାଯ୍ୟ ପାଇଁ କହିଥିଲେ। ମାତ୍ର ଏହା ଆମର ଘରୋଇ ଉତ୍ସବ ହୋଇଥିବାରୁ ସେମାନଙ୍କୁ ମାତ୍ର ୧୦ ମିନିଟ୍ ମଧରେ ସେଠାରୁ ବିଦା କରି ଦେଇଥିଲୁ ବୋଲି ସେ କହିଛନ୍ତି।

# ପ୍ରାର୍ଥୀ ଘୋଷଣାକୁ ନେଇ ବିଜେଡିରେ ଅସନ୍ତୋଷ



ପ୍ରାର୍ଥୀଙ୍କ ନାମ ଘୋଷଣାକୁ ନେଇ ଦୁଇ ଗୋଷ୍ଠୀ ମଧରେ ଅସନ୍ତୋଷ ପ୍ରକାଶ ପାଇଛି।

## ବଡାଖିଲା ପଞ୍ଚାୟତ

**ଆଳି,୧୭।୧(ଡି.ଏନ.ଏ.)**

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକରେ ବିଜେଡି ପକ୍ଷରୁ ନିର୍ବାଚନ ପାଇଁ ନିଯୁକ୍ତ ପ୍ରାର୍ଥୀ ଚୟନ କମିଟି ପକ୍ଷରୁ ସୋମବାର ବଡାଖିଲା ପଞ୍ଚାୟତରେ ପ୍ରାର୍ଥୀ ଘୋଷଣା କାର୍ଯ୍ୟକ୍ରମ ଥିଲା। ପ୍ରାର୍ଥୀ ଘୋଷଣା ନିମନ୍ତେ ଚୟନ କମିଟି ପଞ୍ଚାୟତରେ ପହଞ୍ଚିବା ପରେ ସେଠାରେ ଦୁଇଗୋଷ୍ଠୀ ମଧରେ ଅସନ୍ତୋଷ ଦେଖିବାକୁ ମିଳିଥିଲା। କମିଟିର ରମେଶ ପଣ୍ଡା, ଚିରଞ୍ଜୀବୀ ଦାସ, ବିଜୟା ନନ୍ଦ ସେନାପତି, ମନୋରଞ୍ଜନ ସାମଲ ପ୍ରମୁଖ ଆୟୋଜିତ ବୈଠକରେ ବିଜେଡି ସମର୍ଥିତ ସରପଞ୍ଚ ପ୍ରାର୍ଥିନୀ ମହେଶ୍ୱତା ପ୍ରଧାନ ଓ ସମିତିସଭ୍ୟ ଭାବେ ଭରତ ଚରଣ ସେଠୀଙ୍କ ନାମ ଘୋଷଣା କରିଥିଲେ। ଏହି ସମୟରେ ଅନ୍ୟତମ ଆଶାୟୀ ସଚଳା ମହୀଙ୍କ ସ୍ୱାମୀ ବିଜୟ ଅଭିଯୋଗ କରିଛନ୍ତି ଯେ, ପୂର୍ବରୁ କମିଟି ପଞ୍ଚାୟତରେ ଯେଉଁ ସର୍ଭେ କରିଥିଲା, ସେଥିରେ ତାଙ୍କ ପ୍ରତି ଜନ ସମର୍ଥନ ଥିଲା। କିନ୍ତୁ ଶେଷ ମୁହୂର୍ତ୍ତରେ ତାଙ୍କ ନାମକୁ କାଟି ସର୍ଭେରେ ନ ଥିବା ପ୍ରାର୍ଥିନୀଙ୍କ ନାମ ଘୋଷଣା କରାଗଲା। ଯେହେତୁ ତାଙ୍କ ପ୍ରତି ପଞ୍ଚାୟତର ଜନସମର୍ଥନ ରହିଛି, ତେଣୁ ଆଗାମୀ ଦିନରେ ସେ ନିର୍ବାଚନ ମଇଦାନରେ ଅବତୀର୍ଣ୍ଣ ହେବେ। ଜୟ ପରାଜୟ ସମୟ କହିବ ବୋଲି ସେ କହିଛନ୍ତି।

# ଜିଲାସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ: ମହାବୀର କ୍ଲବ ଚାମ୍ପିୟନ

**ପାରାଦୀପ,୧୭।୧(ସ୍ୱ.ପ୍ର.)**

ପାରାଦୀପ ଉପକଣ୍ଠ ହାଣ୍ଡିଆ ଗ୍ରାମ ପଡ଼ିଆରେ ୨ ଦିନ ଧରି ଚାଲିଥିବା ଜିଲାସ୍ତରୀୟ ଭଲିବଲ୍ ଟୁର୍ନାମେଣ୍ଟ ସୋମବାର ଶେଷ ହୋଇଛି। ଏଥିରେ ଜଗତ୍‌ସିଂହପୁର ଜିଲାର ୮ ଟିମ୍ ଭାଗ ନେଇଥିଲେ। ଫାଇନାଲରେ ରଙ୍ଗିଆଗଡ଼ ମହାବୀର କ୍ଲବ ଚାମ୍ପିୟନ ହୋଇଥିବା ବେଳେ କାଳିଆପାଟ ବାବା ବନବିହାରୀ କ୍ଲବ ରନର୍ସଅପ ହୋଇଥିଲା। ଏହାକୁ ଆହ୍ୱାନ କମ୍ବାଇନ୍ସ ଓ ନେହେରୁ ଯୁବ ସଙ୍ଗଠନ ପକ୍ଷରୁ ଆୟୋଜନ କରାଯାଇଥିଲା। ଜାତୀୟ ଭଲିବଲ୍ ରେଫରି ବିଶ୍ୱଜିତ୍ ପରିଡା ଓ ସତ୍ୟଜିତ୍ ବେହେରା ଏହାକୁ ସଞ୍ଚାଳନ କରିଥିଲେ। ଜିଲା ଯୁବ ଅଧିକାରୀ ନିଖିଲ କୋକଲା, ପବିତ୍ର ମୋହନ ସୁବୁଦ୍ଧି, ସାଗର ବିଶ୍ୱାଳ, ପ୍ରଭାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# ୬୦୦ ଭୋଟରଙ୍କ ଭୋଟ ବର୍ଜନ ନିଷ୍ପତ୍ତି

## ଜିଲାପାଳଙ୍କୁ ୮ ଦଫା ଦାବିପତ୍ର ପ୍ରଦାନ

**ଏରସମା,୧୭।୧(ସ୍ୱ.ପ୍ର.)**

ବିଭିନ୍ନ ସମସ୍ୟାର ସମାଧାନ ହେଉ ନ ଥିବା ଅଭିଯୋଗ କରି ଏରସମା ବ୍ଲକ ଜପା ପଞ୍ଚାୟତ ଧୋବେଇ ଜଙ୍ଗଲ ଗ୍ରାମସ୍ଥିତ ଝଟିପାରୀ ପଡାଗ୍ରାମର ୬୦୦ରୁ ଉର୍ଦ୍ଧ୍ୱ ଭୋଟର ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ବର୍ଜନ କରିବାକୁ ସୋମବାର ନିଷ୍ପତ୍ତି ନେଇଛନ୍ତି। ଏନେଇ ଜିଲାପାଳଙ୍କୁ ଏକ ୮ ଦଫା ସମ୍ବଳିତ ଦାବିପତ୍ର ସେମାନେ ଦେଇଛନ୍ତି। ଗ୍ରାମ ପାଇଁ ପକ୍କା ରାସ୍ତା ନିର୍ମାଣ କରିବା, ପାନୀୟ ଜଳ ସମସ୍ୟା ଦୂର କରିବା, ଆବାସ ଯୋଜନାରେ ଗୃହ ନିର୍ମାଣ, ଭୂମିହୀନଙ୍କୁ ପଟ୍ଟା ପ୍ରଦାନ, ବାତ୍ୟା ଆଶ୍ରୟସ୍ଥଳ ନିର୍ମାଣ, ଗ୍ରାମ କୋଠଗୃହ ନିର୍ମାଣ, ହରିଶ୍ଚନ୍ଦ୍ର ଯୋଜନାରେ ଶ୍ମଶାନ ଗୃହ ନିର୍ମାଣ, ଝଟିପାରୀପଡା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ନିରଞ୍ଜନ ମଣ୍ଡଳ ଓ ଅଶୋକ ମାଇତିଙ୍କ ନେତୃତ୍ୱରେ ଶଶିରେଖା ବେରା, ସୀତା ପ୍ରଧାନ, ଗଙ୍ଗାରାଣୀ ମଣ୍ଡଳ, ପାର୍ବତୀ ତ୍ରିପାଠୀ, ରତ୍ନାକର ପ୍ରମାଣିକ, ରାମଚନ୍ଦ୍ର ଦାସ, ସୁବଳ ଗାଉଣିଆ, ଗୁରୁପଦ ରାୟ, ଶିବପ୍ରସାଦ ତ୍ରିପାଠୀ, ରାଧାକୃଷ୍ଣ ମଣ୍ଡଳ, ଚିତ୍ତରଞ୍ଜନ ମଣ୍ଡଳ, ହରିପଦ ପ୍ରମାଣିକ ପ୍ରମୁଖ ଏଥିରେ ସାମିଲ ହୋଇଥିଲେ।




ଝଟିପାରୀପଡ଼ା ଗ୍ରାମର ଲୋକେ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

# ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ

## ପଞ୍ଚାୟତ ନିର୍ବାଚନ

- ସରପଞ୍ଚରେ ୩୧ ଓ ସମିତି ସଭ୍ୟରେ ୧୬, ୱାର୍ଡସଭ୍ୟ ପଦବୀରେ ୨୩୪ ଜଣଙ୍କ ନାମାଙ୍କନ
- ପ୍ରଥମ ଦିନରେ ଜିଲା ପରିଷଦ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇନି

**ଜଗତ୍‌ସିଂହପୁର ଅଫିସ, ୧୭।୧**

ଜଗତ୍‌ସିଂହପୁର ଜିଲାରେ ସୋମବାରଠାରୁ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତି ସଭ୍ୟ ଏବଂ ୱାର୍ଡମେମ୍ବର ପଦବୀ ପାଇଁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ତେବେ ଜିଲା ପରିଷଦ ସଭ୍ୟ ପାଇଁ କିଛି ଆସନରେ ଏପର୍ଯ୍ୟନ୍ତ ଦଳୀୟ ନିଷ୍ପତ୍ତି ହୋଇପାରିନାହିଁ। ଫଳରେ ପ୍ରଥମ ଦିନରେ ଜିଲାର କୌଣସି ଜିଲା ପରିଷଦ ସଭ୍ୟ ପଦବୀ ପାଇଁ ପ୍ରାର୍ଥୀପତ୍ର ଦାଖଲ ହୋଇନାହିଁ। ଅନ୍ୟପଟେ ଜିଲାର ୧୯୮ ସରପଞ୍ଚ ପଦବୀ ମଧ୍ୟରୁ ମାତ୍ର ୩୧ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରୁ ଏରସମା, ବାଲିକୁଦା ଓ ନାଉଗାଁରୁ ୨ଜଣ ଲେଖାଏ, ଜଗତ୍‌ସିଂହପୁରରୁ ୩, ତିର୍ତ୍ତୋଲ ୯ ଓ କୁଜଙ୍ଗ ବ୍ଲକର ୧୧ ଜଣ ରହିଛନ୍ତି। ସେହିପରି ରଘୁନାଥପୁର ଓ ବିରିଡ଼ିରୁ ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ଜିଲାର ୧୯୮ ସମିତି ସଭ୍ୟ ପଦବୀ ମଧ୍ୟରୁ ମାତ୍ର ୧୬ ଜଣ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେମାନଙ୍କ ମଧ୍ୟରେ ନାଉଗାଁରୁ ୧, ରଘୁନାଥପୁର ୭, ତିର୍ତ୍ତୋଲରୁ ୪ ଜଣ ଥିବାବେଳେ ଜଗତ୍‌ସିଂହପୁର ଓ କୁଜଙ୍ଗ ବ୍ଲକରୁ ୨ ଜଣ ଲେଖାଏ ରହିଛନ୍ତି। ଜିଲାରେ ମୋଟ ୩୩୬୪ଟି ୱାର୍ଡମେମ୍ବର ପଦବୀ ଥିବାବେଳେ ସେଥିରୁ କେବଳ ୨୨୩ ଜଣ ପ୍ରାର୍ଥୀପତ୍ର ଦାଖଲ କରିଛନ୍ତି। ସେଥିମଧ୍ୟରୁ ଏରସମା ବ୍ଲକରୁ ୧୭, ବାଲିକୁଦା ୩୩, ନାଉଗାଁ ୧୦, ଜଗତ୍‌ସିଂହପୁର ୩୨, ରଘୁନାଥପୁର ୩୫, ବିରିଡ଼ି ୨୭, ତିର୍ତ୍ତୋଲ ୩୮ ଓ କୁଜଙ୍ଗ ବ୍ଲକରୁ ୩୧ ଜଣ ରହିଛନ୍ତି। ସୂଚନାଯୋଗ୍ୟ, ଉପରୋକ୍ତ ସମସ୍ତ ପଦବୀ ପାଇଁ ସୋମବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ୨୧ ତାରିଖ ପର୍ଯ୍ୟନ୍ତ (ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା) ଚାଲିବ। ୨୨ରେ ଯାଞ୍ଚ ପରେ ୨୩ରେ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୨୫ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ଫେବୃୟାରୀ ୧୬, ୧୮, ୨୦, ୨୨ ଓ ୨୪ ତାରିଖରେ ପ୍ରତ୍ୟହ ସକାଳ ୭ରୁ ଅପରାହ୍ନ ୧ଟା ମଧ୍ୟରେ ବିଭିନ୍ନ ପୋଲିଂ ଷ୍ଟେଶନ୍‌ରେ ମତଦାନ ହେବ। ୨୬ରୁ ୨୮ ତାରିଖ ସକାଳ ୮ରୁ ଆରମ୍ଭ ହୋଇ ଶେଷ ପର୍ଯ୍ୟନ୍ତ ପ୍ରତି ବ୍ଲକ କାର୍ଯ୍ୟାଳୟରେ ଗଣତି କରାଯିବ। ମାର୍ଚ୍ଚ ୪ରେ ନିର୍ବାଚିତ ପ୍ରତିନିଧିଙ୍କ ନାମ ଘୋଷଣା କରାଯିବ।

ଧରିତ୍ରୀ DHARITRI
ଭୁବନେଶ୍ୱର, ମଙ୍ଗଳବାର, ୧୮ ଜାନୁୟାରୀ, ୨୦୨୨



## ସଂକ୍ଷେପରେ

### ୧୯୩ କରୋନା ଆକ୍ରାନ୍ତ ଚିହ୍ନଟ

ନୟାଗଡ଼ ଅଫିସ,୧୭।୧: ନୟାଗଡ଼ ଜିଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିଛି । ସୋମବାର ରିପୋର୍ଟରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧୯୩ ରହିଛି। ଏହି ସଂଖ୍ୟାକୁ ମିଶାଇ ଜିଲାରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୯୨୪ ରେ ପହଞ୍ଚିଛି। ଭାପୁର ବ୍ଲକରେ ୨୧, ଦଶପଲ୍ଲା ବ୍ଲକରେ ୨୪, ଗଣିଆ ବ୍ଲକରେ ୩ ,ଖଣ୍ଡପଡ଼ା ବ୍ଲକରେ ୩୮, ନୟାଗଡ଼ ବ୍ଲକରେ ୩୨, ନୂଆଗାଁ ବ୍ଲକରେ ୧୬, ଓଡ଼ଗାଁ ବ୍ଲକରେ ୧୭, ରଣପୁର ବ୍ଲକରେ ୧୬ , ନୟାଗଡ଼ ପୌରାଞ୍ଚଳରୁ ସୋମବାର ୨୬ ଜଣ ଚିହ୍ନଟ ହୋଇଥିବା ସରକାରୀ ରେକର୍ଡ କହୁଛି ।

### ରାଜନୈତିକ ତୋରଣ, ବ୍ୟାନର ହଟାଇଲା ପ୍ରଶାସନ

ବୁଗୁଡ଼ା,୧୭।୧(ଡି.ଏନ.ଏ.): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଏବଂ ଆଦର୍ଶ ଆଚରଣ ବିଧି ନିର୍ବାଚନ କମିଶନଙ୍କ ପକ୍ଷରୁ ଲାଗୁହେବା ପରେ କୌଣସି ରାଜନୈତିକ ବ୍ୟାନର କିମ୍ୱା ହୋର୍ଡିଂଗୁଡିକ ସରକାରୀ ରାସ୍ତା କିମ୍ବା କାର୍ଯ୍ୟାଳୟ ସମ୍ମୁଖରେ ନ ରହିବାକୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏ ପରିପ୍ରେକ୍ଷୀରେ ସୋମବାର ସ୍ଥାନୀୟ ତହସିଲ୍ ଓ ଏନ୍ଏସି ପ୍ରଶାସନ ପକ୍ଷରୁ ବୁଗୁଡ଼ା ମୁଖ୍ୟ ସଡ଼କରେ ଥିବା ରାଜନୈତିକ ବ୍ୟକ୍ତିଙ୍କ ବଡ ବଡ ତୋରଣ ଏବଂ ବ୍ୟାନରକୁ ହଟାଇ ଦିଆଯାଇଥିବା ବେଳେ ସରକାରୀ ବିଜ୍ଞାପନ ହୋର୍ଡିଂଗୁଡିକୁ ପରଦା ଦ୍ୱାରା ଢାଙ୍କି ଦିଆଯାଇଥିବା ଦେଖିବାକୁ ମିଳିଛି।

### ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ଘରୁ ଲୁଟ୍

ଦିଗପହଣ୍ଡି,୧୭।୧(ଡି.ଏନ.ଏ.): ଦିଗପହଣ୍ଡି ଏନ୍ଏସି ୨ ନଂ. ୱାର୍ଡ ବିଷ୍ଣୁପ୍ରିୟା ନଗରରେ ରହୁଥିବା ଅବସରପ୍ରାପ୍ତ ସେନା କର୍ମଚାରୀ କେ.ଅଭିରାମ ରେଡ୍ଡୀଙ୍କ କବାଟ ଭାଙ୍ଗି ଦୁର୍ବୃତ୍ତମାନେ ପ୍ରାୟ ୧ ଭରି ଓଜନର ସୁନା ଗହଣା ଏବଂ ୫ ହଜାର ଟଙ୍କା ଚୋରି କରିଛନ୍ତି। ରବିବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ଘରର କବାଟ ଭାଙ୍ଗି ଘରେ ପଶି ଆଲମୀରାରୁ ସମସ୍ତ ସୁନା ଅଳଙ୍କାର ଏବଂ ଟଙ୍କା ଲୁଟି ନେଇଛନ୍ତି। ତାଙ୍କ ଘର ସମ୍ମୁଖରେ ରହୁଥିବା ଜଣେ ବ୍ୟକ୍ତିଙ୍କ ସିସିଟିଭିରେ କଏଦ ହୋଇଥିବା ଦୃଶ୍ୟରୁ ଦେଖିବାକୁ ମିଳିଛି । ରବିବାର ରାତି ୧ଟା ୧୭ରୁ ଦୁର୍ବୃତ୍ତମାନେ ରାତି ୨ଟାରେ ଘର ଭିତରେ ପଶି ସୁନା ଓ ଟଙ୍କା ଲୁଟି ନେଇଥିଲେ। ଘରମାଲିକ ଅଭିରାମ ଏନେଇ ଥାନାରେ ଏତଲାକୁ ଭିତ୍ତି କରି ଥାନା ଆଇଆଇସି ବସନ୍ତ କୁମାର ସେଠୀ ମକଦ୍ଦମା ରୁଜୁ କରିବା ସହ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛନ୍ତି। କେ.ଅଭିରାମ ପୋଙ୍ଗଲ ପର୍ବ ପାଳନ ପାଇଁ ସପରିବାର ନିଜ ପୈତୃକ ଗାଁ ନରେନ୍ଦ୍ରପୁର ଯାଇଥିଲେ। ସୋମବାର ଘରକୁ ଫେରିବା ପରେ ଲୁଟ୍ ହୋଇଥିବା ଜଣାପଡ଼ିଥିଲା।

### ଖଣ୍ଡଦେଉଳିରେ ଆହାରକେନ୍ଦ୍ର ପ୍ରତିଷ୍ଠା ଦାବି

ଗଞ୍ଜାମ,୧୭।୧(ଡି.ଏନ.ଏ.):ଗଞ୍ଜାମ ବ୍ଲକର ଖଣ୍ଡଦେଉଳିଠାରେ ଏକ ଆହାରକେନ୍ଦ୍ର ପ୍ରତିଷ୍ଠା କରିବା ନେଇ ଖଣ୍ଡଦେଉଳି ଆଞ୍ଚଳିକ ପରିଷଦ ପକ୍ଷରୁ ଦୃଢ଼ ଦାବି ହେଉଛି। ବିକାଶ ପରିଷଦ ପକ୍ଷରୁ କୁହାଯାଇଛି ଯେ ଗଞ୍ଜାମ ବ୍ଲକରେ ଖଣ୍ଡଦେଉଳି ହେଉଛି ବହୁଳ ଜନସଂଖ୍ୟା ପ୍ରାୟ ୭ ହଜାର ବିଶିଷ୍ଟ ଏକ ଗ୍ରାମ ଏବଂ ଏଠାରେ ପଞ୍ଚାୟତ କାର୍ଯ୍ୟାଳୟ ଠୁ ଆରମ୍ଭ କରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ଉଚ୍ଚ ବିଦ୍ୟାଳୟ, ମହାବିଦ୍ୟାଳୟ, ପ୍ରାଣୀଧନ ଚିକିତ୍ସାଳୟ, ବିଭିନ୍ନ ବ୍ୟାଙ୍କର ଜନ ସେବାକେନ୍ଦ୍ର ଘର, ବହୁ ସରକାରୀ ଅନୁଷ୍ଠାନ ସହ ବହୁ ବେସରକାରୀ ଅନୁଷ୍ଠାନ ରହିଛି। ଭୌଗଳିକ ଦୃଷ୍ଟିକୋଣରୁ ଦେଖିଲେ ରମ୍ଭା, ହୁମ୍ମା, ପୁରୁଷୋତ୍ତମପୁର ସହରଠାରୁ ପ୍ରାୟ ୧୫ କିଲୋମିଟର ଦୁରତାରେ ମଧ ସ୍ଥଳ ବିଶେଷକରି ଏ ଅଞ୍ଚଳର ଏକ ବ୍ୟବସାୟିକ ପେଣ୍ଠସ୍ଥଳ। ଉକ୍ତ ଗ୍ରାମ ଉପରେ ପାଲଙ୍ଗ ପଞ୍ଚାୟତର ୧୦ ଖଣ୍ଡ, ପୋଇରାଣି ପଞ୍ଚାୟତର ୧୦ ଖଣ୍ଡ, ସନ୍ତୋଷପୁର ପଞ୍ଚାୟତର ୫ ଖଣ୍ଡ ଏବଂ ମଲାଡ଼ ପଞ୍ଚାୟତର ୧୦ ଖଣ୍ଡ ଗ୍ରାମର ଲୋକେ ରୋଜଗାର ଆଶା ନେଇ ଆସିଥାନ୍ତି। ବିଶେଷକରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଏ ଅଞ୍ଚଳର ଲୋକେ ବିଶେଷ ନିର୍ଭରଶୀଳ। ଅନେକ ସମୟରେ କାମର ଅଭାବରେ ଦିନ ମଜୁରିଆ, ଖଟିଖିଆ ଲୋକେ ଭୋକ ଉପାସରେ ଘରକୁ ଫେରନ୍ତି। ଏସବୁକୁ ଦୃଷ୍ଟିରୁ ସ୍ଥାନୀୟ ପ୍ରଶାସନ ଖଣ୍ଡଦେଉଳିଠାରେ ଏକ ଆହାର କେନ୍ଦ୍ର ଖୋଲିବାକୁ ଖଣ୍ଡଦେଉଳି ଅଞ୍ଚଳର ଆଞ୍ଚଳିକ ବିକାଶ ପରିଷଦ ପକ୍ଷରୁ ଦାବି ହେଉଛି।

# ଥଇଥାନ ନ କରି ଜମି ଅଧିଗ୍ରହଣ

- ରେଳପଥ ଯୋଗୁ ୫ ପରିବାର କ୍ଷତିଗ୍ରସ୍ତ
- ଉପଜିଲାପାଳଙ୍କୁ ଫେରାଦ ହେଲେ ଦଳିତ ପରିବାର

ନୟାଗଡ଼ ଅଫିସ,୧୭।୧



ରେଳପଥ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ୫ ପରିବାର ଉପଜିଲାପାଳଙ୍କୁ ଅଭିଯୋଗ କରିବାକୁ ଆସିଛନ୍ତି।

ଖୋର୍ଦ୍ଧା-ବଲାଙ୍ଗୀର ରେଳପଥ କର୍ତ୍ତୃପକ୍ଷ ଦଶପଲ୍ଲା ବ୍ଲକ କୁଲୁରୁକୁମ୍ପା ପଞ୍ଚାୟତ ଗୁରୁହା ଗାଁର ୫ ଦଳିତ ପରିବାରକୁ କ୍ଷତିପୂରଣ, ଥଇଥାନ ନ କରି ଜମି ଅଧିଗ୍ରହଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ କ୍ଷତିଗ୍ରସ୍ତ ପରିବାର ସୋମବାର ଉପଜିଲାପାଳଙ୍କୁ ଭେଟି ସେମାନଙ୍କୁ ଥଇଥାନ ସହ ଉପଯୁକ୍ତ କ୍ଷତିପୂରଣ ଯୋଗାଇବାକୁ ନିବେଦନ କରିଛନ୍ତି। ଏ ନେଇ ଗୁରୁହା ଗାଁର କନକ ନାୟକ କୁହନ୍ତି, ୨୯ ଡିସିମିଲି ଜମିରେ ଘରଦ୍ୱାର କରି ୪୦ ବର୍ଷ ହେଲା ରହୁଛି। ସମ୍ପୃକ୍ତ ଜମି ମୋ ଗାଁର ଜଗଦୀଶ ମଲିକଙ୍କଠାରୁ ୪୦ ବର୍ଷ ତଳେ ୩ ହଜାର ୫ଶହ ଟଙ୍କାରେ କିଣିଥିଲୁ। ଗରିବ ଓ ଆର୍ଥିକ ଅନାଟନ ଯୋଗୁ ସମ୍ପୃକ୍ତ ଜମିକୁ ନିଜ ନାଁରେ ରେଜେଷ୍ଟ୍ରି କରି ପାରିନାହିଁ। ଜମି କ୍ରୟ ସମୟରେ ଆମ୍ଭକ୍ରେତା ଓ ବିକ୍ରେତାଙ୍କର ଚୁକ୍ତିନାମା ଅଛି। ମୋ ପରି ମୋ ଗାଁର ୫ ପରିବାର ସଦସ୍ୟ। ୫ ପରିବାର ଘରବାରିରେ ରେଳପଥ ଯାଉଛି। ହେଲେ ରେଳପଥ କର୍ତ୍ତୃପକ୍ଷ ଆମକୁ ସାହାଯ୍ୟ ରାଶି ଦେଇନାହାନ୍ତି। ଆମେ ରହିବକୁ କେଉଁଠି, ଚିନ୍ତା ଘାରିଛି। ନିତ୍ୟାନନ୍ଦ ନାୟକ ଓ ଅଞ୍ଜଳି ନାୟକ କୁହନ୍ତି, ଆମେ ରେଳପଥକୁ ବିରୋଧ କରୁନୁ। ପ୍ରଶାସନ ବିସ୍ଥାପିତଙ୍କୁ କ୍ଷତିପୂରଣ, ଆମ ଘର ନିର୍ମାଣର ଅର୍ଥ ଦେବା ସହ ଥଇଥାନ କରିବା ଦରକାର। ହେଲେ ପ୍ରଶାସନ ପକ୍ଷରୁ ଆମକୁ କିଛି ସୁବିଧା ନ ଦେଇ ବିସ୍ଥାପିତ କରାଯିବାକୁ ବାଧ କରାଯାଉଛି। ଯାହାଦ୍ୱାରା ଆମ ଟେନଶନ ବଢ଼ିଯାଇଛି। ତ୍ରିନାଥ ନାୟକ ଓ ବାଇଧର ନାୟକ କୁହନ୍ତି, ଆମେ ଦଳିତ ଓ ନିରକ୍ଷର ଲୋକ। ସରକାରଙ୍କ ଆଇନ ଆମକୁ ଅଜଣା। ତେବେ ଆମ ଘରବାରୀ ଉପରେ ରେଳପଥ ଯିବା ପାଇଁ ସର୍ଭେ ପରେ ଥଇଥାନ ଓ କ୍ଷତିପୂରଣ ବାବଦରେ ନୟାଗଡ଼ ଉପଜିଲାପାଳ, ଦଶପଲ୍ଲା ତହସିଲଦାର, ନୟାଗଡ଼ ଜମି ଅଧିଗ୍ରହଣ ଅଫିସର, ପଞ୍ଚାୟତର ସରପଞ୍ଚଙ୍କର ଏକ ବୈଠକ ହୋଇଥିଲା। ବୈଠକର ନିଷ୍ପତ୍ତି ଅନୁସାରେ ସରକାରଙ୍କ ଗାଇଡ ଲାଇନ ଅନୁଯାୟୀ ବିସ୍ଥାପିତଙ୍କୁ ଜମି ଅଧିଗ୍ରହଣ, ଘର ଭଙ୍ଗାର କ୍ଷତିପୂରଣ ଓ ଥଇଥାନ ନିମନ୍ତେ ପ୍ରତିଶ୍ରୁତି ମିଳିଥିଲା। ହେଲେ ପ୍ରତିଶ୍ରୁତି ଅନୁସାରେ ଆମେ କିଛି ପାଇ ନାହୁଁ। ଏଣୁ ଉପଜିଲାପାଳଙ୍କୁ ଭେଟି ଜମି ଅଧିଗ୍ରହଣର ଅସୁବିଧା ସମ୍ପର୍କରେ ଅବଗତ କରାଇଛୁ। ଉପଜିଲାପାଳ ଲଗ୍ନଜିତ ରାଉତଙ୍କୁ ପଚାରିବାରେ ରେଳପଥ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରାଯାଇ ଦଳିତ ପରିବାରର ସମସ୍ୟା ସମାଧାନ କରାଯିବ ବୋଲି ସେ କହିଛନ୍ତି ।

## ଜିଲାପାଳଙ୍କ କୋଭିଡ୍ ସ୍ଥିତି ସମୀକ୍ଷା

ନୟାଗଡ଼ ଅଫିସ,୧୭।୧

ଜିଲାପାଳ ପୋମା ଟୁଡୁ ସୋମବାର ମଧ୍ୟାହ୍ନରେ ଭର୍ଚ୍ଚୁଆଲ ମୋଡରେ ନୟାଗଡ଼ କୋଭିଡ୍ ପରିସ୍ଥିତିର ସମୀକ୍ଷା କରିଛନ୍ତି। ସୋମବାରଠାରୁ ନୟାଗଡ଼ ଜିଲାପାଳଙ୍କ କାର୍ଯ୍ୟାଳୟରେ କୋଭିଡ୍ କଲସେଣ୍ଟର ପୁନଃ କାର୍ଯ୍ୟକ୍ଷମ କରାଇଛନ୍ତି। ଏହାଦ୍ୱାରା ଜିଲାରେ କରୋନା ଆକ୍ରାନ୍ତ ରୋଗୀମାନଙ୍କର ସ୍ଥିତି ସମ୍ପର୍କରେ କାର୍ଯ୍ୟରତ ଡାକ୍ତର କିମ୍ବା ସ୍ୱାସ୍ଥ୍ୟକର୍ମୀମାନେ କଲ୍‌ସେଣ୍ଟରରୁ ପଚାରି ବୁଝିପାରିବେ। ଏଥିରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ (ସିଡିଏମ୍ଓ) ମକରନ୍ଦ ବେଉରା ଓ ସମସ୍ତ ବ୍ଲକର କୋଭିଡ୍ ନୋଡାଲ ଅଧିକାରୀମାନେ ଯୋଗଦାନ କରିଥିଲେ।

## ଅଟୋ-ବାଇକ୍ ଧକ୍କା, ଜଣେ ମୃତ

ପାରଳାଖେମୁଣ୍ଡି,୧୭।୧(ଡି.ଏନ୍.ଏ.)

ମୋହନା ବ୍ଲକ ଅନ୍ତର୍ଗତ ଝିଲିକି ନିକଟରେ ସୋମବାର ଅଟୋ-ବାଇକ୍ ମୁହାଁମୁହିଁ ଧକ୍କା ହେବାରୁ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୫ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଦମାଦୁଆ ଗ୍ରାମର ଶାନ୍ତିଲତା ନାୟକ। ଅଡବାର ଦେବାଶିଷ ବେହେରଦଳେଇ, ଆଲିଗଣ୍ଡାର ରାହୁଲ ସଭାସୁନ୍ଦର ଓ ବାଞ୍ଛା ସଭାପତି, ଚାନ୍ଦିପୁଟର ଅବେଦନ କରାଡ, କନ୍ଧମାଳ ଜିଲା ମିଝାପଙ୍କା ଗ୍ରାମର ପାଗା ମଲ୍ଲିକ ଗୁରୁତର ହୋଇଛନ୍ତି। ଅଡବା ଗ୍ରାମର ଦେବାଶିଷ ବେହେରଦଳେଇ ଏକ ବାଇକ୍ ଯୋଗେ ଆଲିଗଣ୍ଡା ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଅଟୋ ସହ ମୁହାଁମୁହିଁ ହୋଇ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଘଟଣାସ୍ଥଳରେ ଶାନ୍ତିଲତାଙ୍କ ମୃତ୍ୟୁ ଘଟିଥିଲା। ଆହତମାନଙ୍କୁ ସ୍ଥାନୀୟ ଅଡବା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରୁ ସମସ୍ତଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏ ନେଇ ନଂ.୯/୨୨ରେ ପୋଲିସ ଏକ ମାମଲା ରୁଜୁ କରିଛି।

## ଆକାଉଣ୍ଟକୁ ଭତ୍ତା ଟଙ୍କା ପଠାଇବାକୁ ବିରୋଧ

ନୟାଗଡ଼ ଅଫିସ,୧୭।୧

**ଗାଁ କୋଠଘରେ ପୂର୍ବ ପରି ଦିଆଯାଉ**

ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ପଞ୍ଚରିଡା ମାନପୁର ପଞ୍ଚାୟତର ବୃଦ୍ଧା, ବୃଦ୍ଧ, ବିଧବା ଓ ଭିନ୍ନକ୍ଷମମାନେ ଅଭିଯୋଗ କରିଛନ୍ତି ସେମାନଙ୍କ ଭତ୍ତା ଟଙ୍କା ବ୍ୟାଙ୍କ ଆକାଉଣ୍ଟକୁ ନ ପଠାଇ ପୂର୍ବ ପରି ଗାଁ କୋଠ ଘରେ ଦିଆଯାଉ। ଏ ନେଇ ସେମାନେ ଜିଲାପାଳଙ୍କୁ ସୋମବାର ଫେରାଦ୍ ହୋଇଛନ୍ତି। ଏ ନେଇ ରବୀନ୍ଦ୍ରନାଥ ସାହୁ, କୁମାରୀ ସାହୁ ଓ ଶ୍ରୀମତି ସାହୁ କୁହନ୍ତି, ପଞ୍ଚାୟତ ପକ୍ଷରୁ ବଣ୍ଟନ ହେଉଥିବା ଭତ୍ତା ଠିକ୍ ଥିଲା। ଭତ୍ତା ବାଣ୍ଟୁଥିବା କର୍ମଚାରୀ ଗାଁ କୋଠ ଘର ଅଥବା ଗାଁ ପାଖକୁ ଆସି ଦେଉଥିଲେ। ଯାହାଦ୍ୱାରା ଘର ପାଖରେ ଭତ୍ତା ଟଙ୍କା ପାଇ ସମସ୍ତେ ଖୁସି ଥିଲେ। ହେଲେ ଏବେ ବ୍ୟାଙ୍କ ଆକାଉଣ୍ଟକୁ ଟଙ୍କା ପଠାଯାଉଛି। ଗାଁଠାରୁ ବ୍ୟାଙ୍କର ଦୂରତା ୨ରୁ ୩ କି.ମି.। ବ୍ୟାଙ୍କକୁ ଯିବାକୁ ହେଲେ ଗାଡି କରି ପୁଣି ୧୦୦ରୁ ଦେଢ଼ଶହ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି। ଏଣୁ ପୂର୍ବପରି ଆମ ଭତ୍ତା ଟଙ୍କା ପଞ୍ଚାୟତକୁ ଦେଇ ଆମ ଘର ପାଖରେ ଦେବାର ବ୍ୟବସ୍ଥା କରାଯାଉ ବୋଲି କହିଛନ୍ତି।

## ଚିତ୍ତରଞ୍ଜନଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ



ଚିତ୍ତରଞ୍ଜନ ପ୍ରଧାନଙ୍କୁ ଜିଲାପାଳ ପୋମା ଟୁଡୁ ସମ୍ବର୍ଦ୍ଧିତ କରୁଛନ୍ତି।

ନୟାଗଡ଼ ଅଫିସ,୧୭।୧

**ସମୁଦ୍ରରୁ ବକ୍ସିଂ କୋଚ୍, ଖେଳାଳିଙ୍କୁ ଉଦ୍ଧାର ଘଟଣା**

ପୁଡୁଚେରୀ ସମୁଦ୍ରରୁ ବକ୍ସିଂ କୋଚ ଓ ଖେଳାଳିଙ୍କୁ ଉଦ୍ଧାର ଘଟଣାରେ ନୟାଗଡ଼ ଜିଲାପାଳ ପୋମା ଟୁଡୁ ସୋମବାର ଆବାସିକ କାର୍ଯ୍ୟାଳୟରେ ରଣପୁର ବ୍ଲକ ଗୋପାଳପୁର ପଞ୍ଚାୟତ ପଥରପୁଞ୍ଜି ଗାଁର ଚିତ୍ତରଞ୍ଜନ ପ୍ରଧାନଙ୍କୁ ସୋମବାର ସମ୍ବର୍ଦ୍ଧିତ କରିଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ, ରାଜସୁନାଖଳା ଶ୍ରୀଅରବିନ୍ଦ ଆଶ୍ରମ ସ୍କୁଲର ପୁରାତନ ଛାତ୍ର ହେଉଛନ୍ତି ଚିତ୍ତରଞ୍ଜନ(୨୧)। ସ୍କୁଲ ପକ୍ଷରୁ ପୁଡୁଚେରୀସ୍ଥିତ ଶ୍ରୀଅରବିନ୍ଦଙ୍କ ଆଶ୍ରମରେ ଧ୍ୟାନ (ମେଡିଟେସନ) କରିବାକୁ ତାଙ୍କୁ ଜାନୁୟାରୀ ୫ରେ ପଠାଯାଇଥିଲା। ଜାନୁୟାରୀ ୮ରେ ଓଡ଼ିଶା ଫେରିବାର ଥିଲା। ଗତ ୮ ତାରିଖରେ ପୁଡୁଚେରୀ ସମୁଦ୍ର କୂଳରେ ଜାତୀୟ କନିଷ୍ଠ ବକ୍ସିଂ ପ୍ରତିଯୋଗିତା ଚାଲିଥିଲା। ଏଥିରେ ବିଭିନ୍ନ ଦେଶର ବକ୍ସର ଓ କୋଚମାନେ ଯୋଗ ଦେଇଥିଲେ। ଏପରି ସମୟରେ ଚିତ୍ତରଞ୍ଜନ ୮ ତାରିଖ ଅପରାହ୍ନରେ ସମୁଦ୍ର କୂଳ ବୁଲୁଥିଲେ। ସମୁଦ୍ରରେ ବହୁ ଲୋକ ଗାଧୋଇ ମଜା ନେଉଥିଲେ। କିଛି ସମୟ ପରେ ଜଣାପଡିଥିଲା ସମୁଦ୍ରରେ ୩ଜଣ ବୁଡି ଯାଉଛନ୍ତି। ବୁଡି ଯାଉଥିବା ଲୋକଙ୍କୁ ଉଦ୍ଧାର କରିବାକୁ ସମସ୍ତେ ସମସ୍ତଙ୍କୁ କହୁଥିଲେ। ହେଲେ କେହି ଅଶାନ୍ତ ସମୁଦ୍ର ମଧ୍ୟରେ ପଶି ଉଦ୍ଧାର କରିବାକୁ ସାହସ କରି ପାରୁ ନ ଥିଲେ। ଚିତ୍କାର ଶୁଣି ଚିତ୍ତରଞ୍ଜନ ଘଟଣାସ୍ଥଳରେ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ। ତାଙ୍କର ଏହି ସାହସିକ ପଦକ୍ଷେପକୁ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ.କେ. ଷ୍ଟାଲିନ୍ ଏବଂ ପୁଡୁଚେରୀର ବାଚସ୍ପତି ଆର. ସେଲଭମ୍ ଓଡ଼ିଶାର ବୀରପୁତ୍ର ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଦୁଃସାହସିକ କାର୍ଯ୍ୟକୁ ମନେପକାଇ ଉଚ୍ଚ ପ୍ରଶଂସା କରିବା ସହ ସମ୍ବର୍ଦ୍ଧିତ କରିଥିଲେ।

## ଜିଲାରୁ ପ୍ରଥମ ଦିନରେ ୨୪୭ ପ୍ରାର୍ଥୀପତ୍ର ଦାଖଲ

ନୟାଗଡ଼ ଅଫିସ,୧୭।୧

**ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ**

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରି ପ୍ରେକ୍ଷୀରେ ସୋମବାର ପ୍ରଥମ ଦିବସରେ ନୟାଗଡ ଜିଲାରେ ୨୪୭ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ପ୍ରାର୍ଥୀପତ୍ର ଦାଖଲ ପର୍ବ ଆରମ୍ଭ ପରେ ରାଜନୈତିକ ସରଗରମ ବଢ଼ିଛି। କଂଗ୍ରେସ ପକ୍ଷରୁ ଓଡ଼ଗାଁ ବ୍ଲକର୧ ନଂ. ଜିଲା ପରିଷଦର ଅନୁସୂଚିତ ଜାତି ମହିଳା ଭାବେ ଜ୍ୟୋତ୍ସ୍ନାରାଣୀ ନାୟକ ଓ ଓଡ଼ଗାଁ ୩ ନଂ. ଜୋନ ପାଇଁ ସସ୍ମିତା ଦାଶ ନାମାଙ୍କନପତ୍ର ଦାଖଲ କରିଛନ୍ତି। ସେହିପରି ନୂଆଗାଁ ବ୍ଲକରୁ ୨, ଦଶପଲ୍ଲାରୁ ୪, ଭାପୁରରୁ ୩, ରଣପୁରରୁ ୮, ଓଡ଼ଗାଁରୁ ୨ ଏପରି ମୋଟରେ ୧୯ ପ୍ରାର୍ଥୀପତ୍ର ସରପଞ୍ଚ ପଦବୀ ପାଇଁ ଦାଖଲ ହୋଇଛି। ଅନ୍ୟପକ୍ଷେ ସମିତିସଭ୍ୟ ପାଇଁ ଦଶପଲ୍ଲା ବ୍ଲକରେ ୩, ଖଣ୍ଡପଡା, ଭାପୁର, ରଣପୁର ଓ ଓଡ଼ଗାଁ ବ୍ଲକ ପାଇଁ ଜଣେ ଲେଖାଏ ୪ ଜଣ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ତେବେ ୱାର୍ଡ ମେମ୍ବର ପାଇଁ ୨୧୯ ପ୍ରାର୍ଥୀପତ୍ର ଦାଖଲ ହୋଇଛି। ୱାର୍ଡ ମେମ୍ବର ପାଇଁ ନୟାଗଡ଼ ବ୍ଲକରେ ୨୨, ନୂଆଗାଁରେ ୨୧, ଦଶପଲ୍ଲାରେ ୧୬, ଗଣିଆରେ ୮, ଖଣ୍ଡପଡ଼ାରେ ୪୦, ଭାପୁରରେ ୪୨, ରଣପୁରରେ ୨୩ ଓ ଓଡ଼ଗାଁ ବ୍ଲକରେ ୪୭ ନାମାଙ୍କନ ପତ୍ର ଦାଖଲ କରିଛନ୍ତି।

## ଜିଲାପାଳଙ୍କ ଫାଇଲେରିଆ ମୁକ୍ତ ଉପରେ ଗୁରୁତ୍ୱାରୋପ

ଫୁଲବାଣୀ ଅଫିସ, ୧୭।୧

ସାର୍ବଜନୀନ ଫାଇଲେରିଆ ଔଷଧ ସେବନ ଉପରେ ଜିଲାସ୍ତରୀୟ ସମନ୍ୱୟ ବୈଠକ ଭର୍ଚୁଆଲ୍ ମୋଡ୍‌ରେ ଜିଲାପାଳ ଡା. ବୃନ୍ଦା ଡି.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ପାଦ ଜ୍ୱର ନିୟନ୍ତ୍ରଣ କାର୍ଯ୍ୟକ୍ରମ ପାଇଁ ଜିଲାର ସମସ୍ତ ବିଭାଗ ଯେପରିକି ସ୍କୁଲ ଓ ଗଣଶିକ୍ଷା, ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତି, ଉନ୍ନୟନ, ଆରକ୍ଷୀ, ଜଙ୍ଗଲ, ସମାଜ କଲ୍ୟାଣ ବିଭାଗ ସହିତ ଏନ୍‌ଜିଓ ଏବଂ ୟୁଥ୍ କ୍ଲବ ଆଦିକୁ ଏଥିରେ ସାମିଲ କରି ଜିଲାକୁ ଫାଇଲେରିଆମୁକ୍ତ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମନୋଜ ଉପାଧ୍ୟାୟ ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଅଧିକ ସଫଳତା ପାଇଁ ପଦକ୍ଷେପ ନିଆଯିବ ବୋଲି କହିଥିଲେ। ବୈଠକରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପରାମର୍ଶଦାତା ଡା. ଶ୍ୟାମବନ୍ଧୁ ରଥ ପାୱାର ପଏଣ୍ଟ ମାଧ୍ୟମରେ ଜିଲାରୁ କିପରି ଫାଇଲେରିଆକୁ ସମ୍ପୂର୍ଣ୍ଣ ରୂପେ ବିଲୋପ କରାଯିବ ତା' ଉପରେ ବର୍ଣ୍ଣନା କରିଥିଲେ। ଜିଲା ଭେକ୍ଟରବାହିତ ରୋଗ ପରାମର୍ଶଦାତା କୁମୁଦ ଚନ୍ଦ୍ର ସାହୁ ଜିଲାରେ ଫାଇଲେରିଆ ରୋଗର ସ୍ଥିତି, ଔଷଧ ବିବରଣୀ, ତୃଣମୂଳସ୍ତରରେ ସଚେତନତା ବୃଦ୍ଧି ପାଇଁ ନେବାକୁ ଥିବା ପଦକ୍ଷେପ ଉପରେ ତଥ୍ୟ ପ୍ରଦାନ କରିଥିଲେ।

## ଜନ ଗହଳି, ପ୍ରଶାସନ ନୀରବଦ୍ରଷ୍ଟା

ନୂଆଗାଁ,୧୭।୧ (ଡି.ଏନ.ଏ.)



ଆଶାୟୀ ପ୍ରାର୍ଥୀଙ୍କ ଆୟୋଜିତ ସଭାରେ ଭିଡ଼।

କରୋନାର ୩ୟ ଲହର ଯୋଗୁ ନୂଆଗାଁ ବ୍ଲକରେ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ ଦ୍ରୁତ ଗତିରେ ମାଡି ଚାଲିଛି। ବିଭିନ୍ନ ସ୍ଥାନରେ ଜନଗହଳି ଯୋଗୁ ଏପରି ହେଉଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି। ଗୋଟିଏ ପଟେ କରୋନା ମହାମାରୀ କାୟା ବିସ୍ତାର କରୁଥିବା ବେଳେ ଅନ୍ୟପକ୍ଷେ ପଞ୍ଚାୟତ ନିର୍ବାଚନ ପାଇଁ ଦଳୀୟ ପ୍ରାର୍ଥୀ ଚୟନ ଚାଲିଛି। ବିଭିନ୍ନ ଗ୍ରାମରୁ ଲୋକଙ୍କୁ ଡାକି ଗୋଟିଏ ସ୍ଥାନରେ ଏକତ୍ରିତ କରି ପ୍ରାର୍ଥୀ ଚୟନ କରାଯାଉଛି। ସେମାନଙ୍କୁ ଖାଇବାକୁ ଦେବାକୁ ଭୋଜିଭାତର ମଧ୍ୟ ଆୟୋଜନ କରାଯାଉଛି। ସେହି ଲୋକମାନଙ୍କ ମଧ୍ୟରେ ଅନେକ ଲୋକ ଥଣ୍ଡା କାଶରେ ପୀଡିତ ଥିଲେ ମଧ୍ୟ ଦଳୀୟ କାର୍ଯ୍ୟକ୍ରମ ଓ ଖାଇବା ଆଶାରେ ଏକତ୍ରିତ ହେଉଛନ୍ତି। ଏପରିକି ଲୋକଙ୍କୁ ମନେଇବାକୁ ପ୍ରାର୍ଥୀମାନେ ହୋଟେଲରେ ମଧ୍ୟ ଶହ ଶହ ଲୋକଙ୍କୁ ନେଇ ଭିଡ ଜମାଉଥିବା ଅଭିଯୋଗ ହେଉଛି। ଏସବୁ କାର୍ଯ୍ୟକ୍ରମ ନୂଆଗାଁ ଥାନା ନିକଟବର୍ତ୍ତୀ ଅଞ୍ଚଳରେ ହେଉଥିଲେ ମଧ୍ୟ ପ୍ରଶାସନ ସବୁ ଦେଖି ନୀରବ ରହୁଛି। ଜନଗହଳିକୁ ରୋକିବା ବାବଦରେ ନୂଆଗାଁ ଥାନା ଅଧିକାରୀ ବସନ୍ତ କୁମାର ସାହୁଙ୍କୁ ପଚାରିବାରେ ଜନଗହଳି ହୋଇଥିବା ଅଭିଯୋଗ ପାଇଲେ ଆମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବୁ ବୋଲି କହିଛନ୍ତି।

## ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଉଦ୍‌ଯାପିତ

ଖଣ୍ଡପଡା,୧୭।୧(ସ୍ୱ.ପ୍ର.)

ସିଧାମୂଳା ଗ୍ରାମବାସୀଙ୍କ ଆନୁକୂଲ୍ୟରେ ଚଳିତ ମାସ ୮ ତାରିଖଠାରୁ ଆରମ୍ଭ ହୋଇଥିବା ୯ଦିନ ବ୍ୟାପୀ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ପବିତ୍ର ମୋହନ କର ବ୍ୟାସ ଭାବେ ଯୋଗଦେଇ ଅଧିବାସ ଓ ଘଟ ସ୍ଥାପନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରତ୍ୟେହ ସନ୍ଧ୍ୟାରେ ଅନୁଷ୍ଠିତ ପାରାୟଣ କାର୍ଯ୍ୟକ୍ରମରେ ବକ୍ତା ଭାବେ ଅନୁପମା ବିଶ୍ୱାଳ, ସୁଶ୍ରୀ ରଞ୍ଜିତା ପ୍ରିୟ ଭାଷିନୀ ପ୍ରମୁଖ ଯୋଗଦେଇ ରାମକଥାର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋକପାତ କରିଥିଲେ। ଅପରାହ୍ନ ୫ଟାରେ ପୂର୍ଣ୍ଣାହୁତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା।

## ରାଜ୍ୟସ୍ତରୀୟ ଦିବାରାତ୍ର ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ



ଖଣ୍ଡପଡ଼ା,୧୭।୧(ସ୍ୱ.ପ୍ର.)

ଶ୍ରୀନୀଳମାଧବ ସ୍ପୋର୍ଟିଂ କ୍ଲବ କଣ୍ଟିଲୋ ଆନୁକୂଲ୍ୟରେ ସୋମବାର ଦିବାରାତ୍ର ଆନ୍ତଃ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ସ୍ଥାନୀୟ ଗାନ୍ଧୀପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଟୁର୍ନାମେଣ୍ଟରେ ୨୫ଟି ଟିମ୍ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବା ଅନୁଷ୍ଠାନର ସଭାପତି ଚିତ୍ତରଞ୍ଜନ ମହାରଣା ସୂଚନା ଦେଇଛନ୍ତି। ପ୍ରଥମ ପର୍ଯ୍ୟାୟ ସନ୍ଧ୍ୟା ସୁଦ୍ଧା ବିଭିନ୍ନ ଅଞ୍ଚଳରୁ ୪ଟି ଟିମ୍ ସେମାନଙ୍କ ଖେଳ ପ୍ରଦର୍ଶନ କରିଥିଲେ। ଆୟୋଜିତ ଟୁର୍ନାମେଣ୍ଟକୁ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉଜ୍ଜ୍ୱଳ ମହାରଣା ମୁଖ୍ୟଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ କଣ୍ଟିଲୋ(ବି) ସହ ଦଶପଲ୍ଲା(ବି), ଶରଣକୁଳ ସହିତ ବନମାଳୀପୁର, କଣ୍ଟିଲୋ (ସି) ସହ କଟକ ଶଙ୍କରପୁର ଓ ବଡମ୍ବା ସହ ବୀରକିଶୋରପୁରର ମୁକାବିଲା ହୋଇଥିଲା। ମ୍ୟାଚରେ କଣ୍ଟିଲୋ ବି, ଶରଣକୁଳ, କଣ୍ଟିଲୋ ସି ଏବଂ ବଡ଼ମ୍ବା ୨-୦ ସେଟରେ ବିଜୟୀ ହୋଇଥିଲେ। ରଞ୍ଜିତ କୁମାର ମହାରଣା, ପବିତ୍ର କୁମାର ମହାରଣା ଓ ରାଜେଶ କୁମାର ମହାରଣା ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ରେଫରି ଭାବେ ରାଜେଶ ମହାରଣା ଖେଳ ପରିଚାଳନା କରୁଥିବା ବେଳେ ଲାଇନରେ ଇତିରଞ୍ଜନ, ରାଜୁ, ଗୁଡୁ, ସାନୁ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରୁଥିଲେ।

## କରୋନାକୁ ଖାତିର ନ କରି ନିର୍ବାଚନୀ ସଭା କଲେ ବିଧାୟକ

ରଣପୁର,୧୭।୧ (ସ୍ୱ.ପ୍ର.)



ପଟିଆ ପଞ୍ଚାୟତରେ ରବିବାର କୋଭିଡ୍ କଟକଣାକୁ ନ ମାନି ବିଧାୟକ ସତ୍ୟନାରାୟଣ ପ୍ରଧାନ, ଅନ୍ୟମାନେ ଏକତ୍ରିତ ହୋଇଛନ୍ତି।

କରୋନାରେ ଦୈନିକ ସଂକ୍ରମଣ ରାଜ୍ୟରେ ବେଶ୍ ବଢିବାରେ ଲାଗିଛି। କୋଭିଡ୍ କଟକଣା ଓ ପଞ୍ଚାୟତ ନିର୍ବାଚନ ଆଚରଣ ବିଧିର ନିୟମକୁ ନୟାଗଡ଼ ଜିଲା ରଣପୁର ପଟିଆ ପଞ୍ଚାୟତରେ ବିଧାୟକ, ୨୪ ନଂ. ଜିଲା ପରିଷଦ ଏବଂ ସ୍ଥାନୀୟ ସରପଞ୍ଚ ଖାତିର କରି ନ ଥିବା ନଜରକୁ ଆସିଛି। ରବିବାର ରଣପୁର ବ୍ଲକ ଅଧୀନ ପଟିଆ ପଞ୍ଚାୟତର ଜିରିପଡା ମା' ଦୁଆରଶୁଣୀଙ୍କ ମନ୍ଦିର ପ୍ରାଙ୍ଗଣରେ ଆୟୋଜନ ହୋଇଥିଲା ଏକ ରାଜନୈତିକ ସଭା। ସଭାରେ ଆକର୍ଷଣୀୟ ଷ୍ଟେଜ ସାଙ୍ଗକୁ ଲାଗିଥିଲା ବିଜେଡିର ଦଳୀୟ ପତାକା। ରାଜ୍ୟ ନିର୍ବାଚନ ଆୟୋଗଙ୍କ ମତ ଅନୁଯାୟୀ, ବର୍ତ୍ତମାନର ପରିସ୍ଥିତିରେ ଆଚରଣ ବିଧିକୁ ଉଲ୍ଲଙ୍ଘନ କରି ଏହି ସଭାରେ ସ୍ଥାନୀୟ ବିଧାୟକ ସତ୍ୟନାରାୟଣ ପ୍ରଧାନ ଯୋଗଦେଇ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରଚାର କରିଥିଲେ। ଏଥିରେ ମଧ୍ୟ ସାମିଲ ଥିଲେ ୨୪ନଂ. ଜୋନର ଜିଲା ପରିଷଦ ସଭ୍ୟ ବିଜୟ କେତନ ସାହୁଙ୍କ ସହ ପଟିଆ ସରପଞ୍ଚ ପ୍ରଭାତ କୁମାର ସାହୁ। ଏଥିରେ ୫୦୦ରୁ ଊର୍ଦ୍ଧ୍ୱ ବିଜେଡି କର୍ମୀଙ୍କ ସହ ସାଧାରଣ ଲୋକ ଯୋଗଦେଇଥିଲେ। ଏହାସହ ସାମାଜିକ ଦୂରତାକୁ ଭୁଲି ଯିବା ସହ କାହା ମୁହଁରେ ମାସ୍କ ନ ଥିଲା। ଏ ସମ୍ପର୍କରେ ବିଧାୟକ ପ୍ରଧାନଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ଚୁପ୍ ରହିଥିଲେ।